# ବାଘ ଆକ୍ରମଣ ଘଟଣା; କ୍ଷତିପୂରଣ ଦେଉନି ବନ ବିଭାଗ



ଖଇରା, ୧୦।୬ (ସମିସ)

ସୋର ରେଞ୍ଜ ଖଇରା ତହସିଲ ନୟାଖଣ୍ଡି ପଞ୍ଚାୟତ ଅଧୀନ ଗଡ଼ ଗ୍ରାମରେ ବାଘ ଆକ୍ରମଣ ଘଟଣାକୁ ୩ ଦିନ ବିତି ଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଗୁରୁତର ଆହତ ହୋଇଥିବା ଏବଂ ଘର ନଷ୍ଟ ହୋଇଥିବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ମିଳିଲାନି। ବାଧ ହୋଇ ସେମାନେ ସୋମବାର ସଂଧ୍ୟାରେ କ୍ଷତିପୂରଣ ଦାବିରେ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ବିଳମ୍ବକୁ ନେଇ ଗୁରୁତର ଆହତ ହୋଇଥିବା ବ୍ୟକ୍ତି ମାନେ ଘଟଣାଦିନ ଉପସ୍ଥିତ ଥିବା ଡିଏଫଓ ଓ ଏସିଏଫଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଶନିବାର ଦିନ ଗଡ଼ ଗ୍ରାମକୁ ଏକ ବାଘୁଣି ପଶିବା ସହ ଉପସ୍ଥିତ ଥିବା ସତ୍ୟଭାମା ନାୟକ, ରାଧାନାଥ ନାୟକ, ଟଙ୍କଧର କେଶୀ,

**ଥାନାରେ ଅଭିଯୋଗ କଲେ ଗ୍ରାମବାସୀ**

ନିରଞ୍ଜନ ମୁଖୀ, ପ୍ରଫୁଲ୍ଲ ଦାସ ପ୍ରମୁଖ ବାଘ ଆକ୍ରମଣରେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ସେଦିନ ଉପସ୍ଥିତ ଥିବା ବାଲେଶ୍ୱର ଡିଏଫଓ ଦୁଷ୍ମନ୍ତ ସିଂଙ୍କ ସମ୍ମୁଖରେ ଏହି ଘଟଣା ଘଟିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଅଧିକାରୀ ଚୁପ ରହିବାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିଭଳି ଗ୍ରାମବାସୀ ହୋହାଲ୍ଲା ପରେ ବାଘୁଣି ଟି ମୁକୁନ୍ଦ ସେଣ୍ଠଙ୍କ ଗୁହାଳ ଘରେ ପଶିଯାଇଥିବା ବେଳେ ଗୁହାଳ ଘରଟି ମଧ ନଷ୍ଟ ହୋଇଥିଲା। ତାଙ୍କୁ ମଧ ଏ ପର୍ଯ୍ୟନ୍ତ କ୍ଷତିପୂରଣ ମିଳୁନଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ମନୋରଞ୍ଜନ ନାୟକଙ୍କୁ ଯୋଗାଯୋଗ କରିବାରେ ମେଡିକାଲ ରିପୋର୍ଟ ଆସିବା ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଏଟିଏମ୍ ବଦଳ କରି ୭୦ ହଜାର ଲୁଟିନେଲେ

ଗୌଡ଼ି, ୧୦।୬(ସମିସ) : ଭୋଗରାଇ ବ୍ଲକ ଅଞ୍ଚଳରେ ମାଡ଼ିଛନ୍ତି ଏଟିଏମ୍ ଲୁଟେରା। ପୂର୍ବରୁ ବହୁ ଥର ଏହି ଅଞ୍ଚଳର ବିଭିନ୍ନ ବ୍ୟାଙ୍କ, ମନ୍ଦିର, ଗହଣା ଦୋକାନ ଓ ଘରୁ ଦୁର୍ବୃତ୍ତମାନେ କଳାକନା ବୁଲାଉଥିବାବେଳେ ରବିବାର ଗ୍ରାହକଙ୍କ ଏଟିଏମ ବଦଳ କରି ଲୁଟ କରିଛନ୍ତି ୭୦ ହଜାର ଟଙ୍କା। ସୋମବାର ଏ ବାବଦରେ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଲୁଟର ଶିକାର ହୋଇଥିବା ହେମନ୍ତ ଧଡ଼ା। ଭୋଗରାଇ ଥାନା ଅଧୀନ ଜଳ ସୋହରିଆ ପଞ୍ଚାୟତ ସେହି ଗ୍ରାମର ହେମନ୍ତ ଧଡ଼ା (୭୦) ରବିବାର ଚୌକି ବଜାରସ୍ଥିତ ୟୁକୋବ୍ୟାଙ୍କ ଏଟିଏମରୁ ଟଙ୍କା ଉଠାଇବାକୁ ଯାଇ କାର୍ଡଟିକୁ ଏଟିଏମରେ ଭର୍ତ୍ତି କରିଥିଲେ। ଏହି ସମୟରେ ଜଣେ ଯୁବକ ଏଟିଏମ କାର୍ଡଟି ଓଲଟା ପୂରାଇଛନ୍ତି ବୋଲି କହି ନିଜେ କାର୍ଡଟି ବାହାର କରି ଆଉଥରେ ଭର୍ତ୍ତି କରିଥିଲେ ଏବଂ ଏଥରୁ ଏବେ ଟଙ୍କା ବାହାରିବ ନାହିଁ ପରେ ଆସି ଟଙ୍କା ଉଠାଇବାକୁ କହିଥିଲେ। ଶ୍ରୀ ଧଡ଼ା ଘରକୁ ଆସିବା ପରେ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ସେହି ମେସେଜରେ ୫୦ ହଜାର ଏବଂ ପରବର୍ତ୍ତୀ ଅନ୍ୟ ଦୁଇଟି ମେସେଜରେ ୧୦ ହଜାର କରି ମୋଟ ୭୦ ହଜାର ଟଙ୍କା ଉଠାଯାଇଥିବା ଜାଣିପାରିଲେ। ପରେ ନିଜ ଏଟିଏମ କାର୍ଡଟି ଦେଖି ଜାଣିଲେ ଯେ ତାହା ନିଜ ଏଟିଏମ କାର୍ଡ ନୁହେଁ। ବଙ୍ଗ ୟୁକୋ ବ୍ୟାଙ୍କ ଏଟିଏମ ଭିତରେ ସହାୟତା କରିବା ବାହାନାରେ ଦୁର୍ବୃତ୍ତଜଣଙ୍କ ଚତୁରତାର ସହିତ ତାଙ୍କ ଏଟିଏମ ବଦଳ କରି ଏପରି ଠକି ନେଇଛି। ଏବାବଦରେ ଶ୍ରୀ ଧଡ଼ା ସୋମବାର ଭୋଗରାଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

## କ୍ଷତାକ୍ତ ନାଗ ଉଦ୍ଧାର



ନୀଳଗିରି, ୧୦।୬(ସମିସ): ନୀଳଗିରି ବ୍ଲକ ଧରମପୁର ପଞ୍ଚାୟତ ବାଇଁଶପାଳ ଗ୍ରାମରେ ଦେଖିବାକୁ ମିଳିଛି ଏକ ଆଶ୍ଚର୍ଯ୍ୟଜନକ ଘଟଣା। ଉକ୍ତ ଗ୍ରାମର ମଣିନାଗେଶ୍ୱର ମନ୍ଦିର ନିକଟରେ ଏକ ୫ ଫୁଟର ଲମ୍ବର ନାଗସାପ କ୍ଷତାକ୍ତ ଅବସ୍ଥାରେ ପଡ଼ି ରହି ଚଳଚଳ କରିପାରୁନଥିଲା। ଉକ୍ତ ଗ୍ରାମର ଗୀତାରାଣୀ ପାତ୍ର ପୂଜା ନିମନ୍ତେ ମନ୍ଦିରକୁ ଯାଉଥିବା ସମୟରେ ସାପଟି ଦେହରୁ ରକ୍ତସ୍ରାବ ହେଉଥିବା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ସାପଟି ଦେହରେ ହଳଦି ଲଗାଇବା ସହିତ ସାପଟିକୁ ପାଣି ପିଇବାକୁ ଦେଇଥିଲେ। ସାପଟି ସୁସ୍ଥ ହେବା ପର୍ଯ୍ୟନ୍ତ ମଧ ଜଗି ରହିଥିଲେ ଗୀତାରାଣୀ। ସାପଟି ସୁସ୍ଥ ହେବା ପରେ ଜଙ୍ଗଲକୁ ଚାଲିଯାଇଥିଲା।

## ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ସୋର, ୧୦।୬(ସମିସ): ସୋର ପୌରପାଳିକା ଅନ୍ତର୍ଗତ ସାଦମାପୁର ଗ୍ରାମରୁ ଗତ ତିନି ତାରିଖରୁ ନିଖୋଜ ଥିବା ଜଣେ ଯୁବକଙ୍କ ଗଳିତ ମୃତଦେହକୁ ସୋର ପୁଲିସ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ସୋର ପୌରପାଳିକା ଅନ୍ତର୍ଗତ ପଠାଣ ମହାଲ୍ଲା ଗ୍ରାମର ଶେଖ ଜୁଲଫୁକର ଗତ ତିନି ତାରିଖ ଅପରାହ୍ନରୁ ନିଖୋଜ ଥିଲେ। ଏ ନେଇ ପରିବାର ପକ୍ଷରୁ ସୋର ଥାନାରେ ଅଭିଯୋଗ କରିଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲେ। କିନ୍ତୁ ଆଜି ମଧ୍ୟାହ୍ନରେ ସାଦମାପୁର ଠାରେ ଏକ ଜଙ୍ଗଲରେ ଜଣେ ଯୁବକଙ୍କର ମୃତଦେହ ଝୁଲୁଥିବା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ।

ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଘଟଣାର ତଦନ୍ତ କରିବା ସମୟରେ ତାହା ଶେଖ ଜୁଲଫୁକରଙ୍କର ବୋଲି ଜାଣିବାକୁ ପାଇଥିଲେ। ଏ ବାବଦରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକେ ସେଠାରେ ପହଞ୍ଚି ଶବକୁ ଚିହ୍ନିବା ପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେବା ସହିତ ୩୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସର୍ପାଘାତରେ ମହିଳା ମୃତ

ବାଲେଶ୍ୱର, ୧୦।୬(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅନ୍ତର୍ଗତ ବେଗମପୁର ଗ୍ରାମର ବୁଲୁ ଚାନ୍ଦଙ୍କ ପତ୍ନୀ ମାଳତି ଚାନ୍ଦ(୫୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହେଇଯାଇଛି। ମାଳତି ନିଜ ବାଡ଼ିରେ କାମ କରୁଥିଲାବେଳେ ତାଙ୍କୁ ଏକ ସାପ କାମୁଡି ଥିଲା। ପରିବାର ଲୋକେ ତୁରନ୍ତ ମାଳତିଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଆସିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ମାଳତିଙ୍କ ସୋମବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା।

## ଘରୋଇ କଳିରୁ ଯୁବକଙ୍କ ଆତ୍ମହତ୍ୟା

ନୀଳଗିରି, ୧୦।୬(ସମିସ): ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ କଳି ଝଗଡ଼ାରୁ ଯୁବକ ଆତ୍ମହତ୍ୟା କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ଜଡ଼ିଦା ପଞ୍ଚାୟତ ବାଘମରା ଗ୍ରାମର ନରେନ୍ଦ୍ର ସିଂଙ୍କ ପୁଅ ନିତ୍ୟାନନ୍ଦ ସିଂ (୪୫) ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଗତକାଲି ଝଗଡ଼ା ଲାଗିଥିଲା। ପରେ ନିତ୍ୟାନନ୍ଦ କାମକୁ ନ ଯାଇ ଦିନ ସାରା ଘରେ ରହିଥିଲା। ତାଙ୍କ ସ୍ତ୍ରୀ କାମରୁ ଆସି ସନ୍ଧ୍ୟାବେଳେ ଦେଖିବା ବେଳକୁ ଘର ଭିତର ପଟୁ କବାଟ ବନ୍ଦ ଅଛି। ବହୁକଷ୍ଟରେ ଘରଭିତରକୁ କବାଟ ଭାଙ୍ଗି ପଶିବାରୁ ଏକ ପଙ୍ଖାରେ ରଶି ଲଗାଇ ନିତ୍ୟାନନ୍ଦ ଝୁଲିଥିବାର ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇ ପୁଲିସ ତଦନ୍ତ ଚଳାଇଛି।

## ଡାକ୍ତରଖାନା ପରିଦର୍ଶନକଲେ ନବନିର୍ବାଚିତ ବିଧାୟକ

ନୀଳଗିରି, ୧୦।୬(ସମିସ): ଆଜି ସକାଳେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି କେନ୍ଦ୍ରରେ ଥିବା ଅବ୍ୟବସ୍ଥା ତଦାରଖ କରିବା ସହ ଜିଲ୍ଲାପାଳଙ୍କୁ ଫୋନ୍ ଯୋଗେ ସବୁ ସମସ୍ୟା ଜଣାଇଥିଲେ। ପ୍ରମୁଖ ସମସ୍ୟା ଭିତରେ ଡାକ୍ତର ପଦବୀରେ ଜଣେ ରହୁଥିବା ବେଳେ ଆହୁରି ଦୁଇ ଡାକ୍ତର ଆବଶ୍ୟକ ରହିଛି, ପାନୀୟ ଜଳ ସମସ୍ୟା, ବିଦ୍ୟୁତ ସମସ୍ୟା। ଏକ ମାସ ଭିତରେ ଉକ୍ତ ସମସ୍ୟା ଗୁଡିକର ସମାଧାନ କରିବେ ବୋଲି କହିଥିଲେ। ବିଧାୟକଙ୍କ ଏପରି ଡାକ୍ତରଖାନା ଗସ୍ତ ଅଞ୍ଚଳବାସୀଙ୍କ ମନରେ ନୂଆ ଆଶା ଓ ଉତ୍ସାହ ଭରି ଦେଇଛି।




## ରୋଟାରୀ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ



ଜଳେଶ୍ୱର ବ୍ଲକ, ୧୦।୬ (ସମିସ) : ରୋଟାରୀ କ୍ଲବ ରାଇବଣିଆ ପକ୍ଷରୁ କାଶିଡିହା ସରକାରୀ ଉପ୍ରା ପ୍ରାଥମିକ ବିଦ୍ୟାଳୟରେ ଆଜି ବୃକ୍ଷରୋପଣ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ସମ୍ପର୍କରେ ସଚେତନ କରାଇଥିଲେ। କ୍ଲବର ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁନିଲ କୁମାର ନାୟକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ରକ୍ତଦାତା ସମିତିର ସଭାପତି କମଳ ଚକ୍ରବର୍ତ୍ତୀ ଓ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ ବୃକ୍ଷର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ସୁଧିର କର, ସଭ୍ୟ ଡ. ଲଳିତରଞ୍ଜନ ସେନାପତି, ଡ. ଅଜିତ୍ ମହାନ୍ତି, ସରପଞ୍ଚ ଜୟନ୍ତୀ ପରିଡ଼ା, ସଞ୍ଜିବ ସେନାପତି, ସୁକୁମାର ରଣା, ସତ୍ୟବ୍ରତ ନନ୍ଦୀ, କମଳାକାନ୍ତ ଚନ୍ଦ, କାର୍ତ୍ତିକ ସାହୁ, ଗୋପାଳ ଦାସ, ମାଖନଲାଲ ବେରା, ଶିକ୍ଷକ ମହେନ୍ଦ୍ର ପାତ୍ର, ରାଜୀବ ସେନାପତି, ମାଳବିକା ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଚୋରା ମୋରମ୍ ଟ୍ରକ୍ ଜବତ

ନୀଳଗିରି, ୧୦।୬ (ସମିସ): ନୀଳଗିରି ବ୍ଲକ ସଜନାଗଡ଼ସ୍ଥିତ ଜାମୁଡ଼ିହା ଅଞ୍ଚଳରେ ବେଆଇନ ଭାବେ କିଛି ମୋରମ ମାଫିଆ ଦିବାରାତ୍ର ମୋରମ ଖୋଳି ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଥିବା ନେଇ ନୀଳଗିରି ଅତିରିକ୍ତ ତହସିଲଦାର ବଳରାମ ପୁଟି ଖବର ପାଇଥିଲେ। ସଦଳବଳେ କଦମସାହି ଛକରେ ଗାଡ଼ି ସବୁ ଯାଞ୍ଚ କରୁଥିବା ବେଳେ ସଠିକ କାଗଜପତ୍ର ନ ଥିବାରୁ ମୋରମ ବୋଝେଇ ଏକ ଟ୍ରକକୁ ଜବତ କରିଥିଲେ। ଖବରପାଇ ବ୍ୟବହୃତ ଟ୍ରାକ୍ଟର, ଜେସିବି ମେସିନ ଖସି ପଳାଇ ଥିଲା।




ଗାଡିଟିକୁ ନୀଳଗିରି ଥାନାକୁ ଅଣାଯାଇ ଗାଡ଼ିକୁ ଅଟକ ରଖାଯାଇଛି। ଦିବାରାତ୍ର ମାଫିଆ ମାନେ ତହସିଲଦାରଙ୍କ ଗତିବିଧି ଉପରେ ନଜର ରଖି ଆହୋରତ୍ର ଲଘୁଖଣିଜ ସମ୍ପଦ ଲୁଟ ଚାଲିଥିବା ବେଳେ ଚୋରି ରୋକିବାରେ ବିଫଳ ହୋଇଛି ପ୍ରଶାସନ।

## ମାସେ ହେଲା ଜିଓ ନେଟ୍‌ୱର୍କ ଫେଲ୍, ହନ୍ତସନ୍ତ ଉପଭୋକ୍ତା

ନୀଳଗିରି, ୧୦।୬ (ସମିସ): ଗତ ଏକ ମାସ ଧରି ନୀଳଗିରିରେ ଜିଓ ନେଟୱର୍କ ସେବା ଦେବାରେ ବିଫଳ ହୋଇଛି। ଜିଓରେ ଓଡ଼ିଶାରେ ସର୍ବାଧିକ ଉପଭୋକ୍ତା ବା ଗ୍ରାହକ ଥିବା ବେଳେ ଅଗ୍ରଣୀ ଫର ଜି ଓ ଫାଇଭ ଜି ନେଟୱର୍କ କୁହାଯାଉଥିବା ଏହି ଜିଓ ନେଟୱାର୍କ ଗତ କିଛି ମାସ ହେଲା ଅତି ନିମ୍ନ ମାନର ନେଟ ୱର୍କ ପାଇଁ ମୋବାଇଲ ବ୍ୟବହାର କରୁଥିବା ଗ୍ରାହକ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧାପ୍ରାପ୍ତ ସୃଷ୍ଟି ହୋଇଥିବା ଦେଖାଯାଇଛି। ବିଶେଷ କରି ଜିଓ ସିମକାର୍ଡ ଉପଭୋକ୍ତା ମାନେ ଇଣ୍ଟରନେଟରେ କାର୍ଯ୍ୟ କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ମିଳିଛି। କ୍ରୋମ ହେଉ ବା ଗୁଗୁଲ, ସବୁଥିରେ କୌଣସି ଜରୁରୀ ତଥ୍ୟ ପଠାଇବାକୁ ହେଲେ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।




### ପାଠକୀୟ ଅନୁଭୂତିର ଅଭିବ୍ୟକ୍ତି ସମ୍ପର୍କିତ ଆଲୋଚନାଚକ୍ର

# 'ଗୁଗଲ୍‌କୁ ବାଦ୍ ଦେଇ ବହି ପଢ଼ିବା ଉଚିତ'




ବାଲେଶ୍ୱର, ୧୦।୬ (ସମିସ)

ଶିକ୍ଷା ଓ ଜ୍ଞାନର ଦିବ୍ୟଦୃଷ୍ଟି 'ପ୍ରଜାପତି' ସଂଗଠନର ବୌଦ୍ଧିକ ଶାଖା ପକ୍ଷରୁ ପାଠକୀୟ ଅନୁଭୂତିର ଅଭିବ୍ୟକ୍ତି ସମ୍ପର୍କିତ ବୌଦ୍ଧିକ ଆଲୋଚନାଚକ୍ର 'ଦିଗବଳୟ' ସ୍ଥାନୀୟ ଆତିଥ୍ୟ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷକୁମାର ତ୍ରିପାଠୀ ଉଦଘାଟନ କରି ପ୍ରଥମେ ପ୍ରୀତିକ୍ରିଷ୍ଟାଙ୍କୁ ସମ୍ବୋଧନ କରିଥିଲେ। ଅଭିନନ୍ଦନ ଜଣାଇବା ସହ ଆଗକୁ ଏମିତି ପାଠକୀୟ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ତେବେ ଉଦ୍ୟମ କଲେ ଏମିତି କିଛି ସ୍ରଷ୍ଟା ବାହାରିବେ। ଏହି ଛୋଟ ସ୍ରଷ୍ଟା ମାନଙ୍କୁ ବଡ଼ ଶତ୍ରୁ ସହ ଲଢେଇ କରିବାକୁ ପଡୁଛି। ତାହା ହେଉଛି ମୋବାଇଲ୍। ଆମ ବିଶ୍ୱବିଦ୍ୟାଳୟରେ ୫୦ ହଜାରରୁ ଅଧିକ ବହି ରହିଲାଣି। ହେଲେ ପ୍ରତିଦିନ ୧୦/୧୫ଜଣ ପିଲା ଲାଇବ୍ରେରୀକୁ ଯାଉଛନ୍ତି। ଦୁଇ ବର୍ଷରେ ମାତ୍ର ପାଖାପାଖି ୧୩୦୦ ପିଲା ବହି ପଢ଼ନ୍ତି। ବର୍ତ୍ତମାନ ସମସ୍ତଙ୍କ ଆଗ୍ରହ ଗୁଗଲ୍‌ରେ ରହିଯାଇଛି। ମାତ୍ର ପ୍ରୀତିକ୍ରିଷ୍ଟା ଗୁଗଲ୍ ବିରୋଧରେ ଯାଇ ବହି ପଢ଼ିଛି। ଯାହା ସମସ୍ତଙ୍କ ପାଇଁ ଉଦାହରଣ। 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଛାତ୍ରୀ ପ୍ରୀତିକ୍ରିଷ୍ଟା ଦାସ ଇଂରାଜୀ, ଓଡ଼ିଆ ଓ ହିନ୍ଦୀ ଉପନ୍ୟାସ ଓ ଗଳ୍ପ ପଠନର ନିର୍ଯ୍ୟାସ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥଲେ। କବି ଶ୍ରୀଦେବ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି କୃଷ୍ଣକୁମାର ମହାନ୍ତି, କବି ଉତ୍ପଳ ମହାନ୍ତି, ବିଶିଷ୍ଟ ସାମ୍ବାଦିକ ଶଶୀ ରଞ୍ଜନ ମଲ୍ଲିକ ଅତିଥି ଭାବେ ମଞ୍ଚାସୀନ ରହି ପ୍ରଜାପତି ଅନୁଷ୍ଠାନର ଦିଗବଳୟ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ସୁନ୍ଦର ଚିନ୍ତାଟିଏ ଥରେ ମନର ବନ୍ଧୁ ହୋଇଗଲେ ତାହା ମଣିଷକୁ ସତମାର୍ଗରେ ଚାଲିବାକୁ ବାଟ ଦେଖାଏ। ତାହା ମଣିଷର ପ୍ରତିଟି ମୁହୂର୍ତ୍ତର ଚିନ୍ତା ଓ କର୍ମ ତାର ସଂସ୍କାର ହୋଇ ଜୀବନକୁ ପ୍ରଭାବିତ କରିଥାଏ ବୋଲି ଅତିଥିମାନେ କହିଥିଲେ। 'ଦିଗବଳୟ' କାର୍ଯ୍ୟକ୍ରମକୁ ନେଇ ବୌଦ୍ଧିକ ଆଲୋଚନାଚକ୍ର ଆୟୋଜନ ସମ୍ପର୍କରେ ସଂଗଠକ ରାଜେଶ ଗିରି ମତ ରଖିଥିଲେ।



# ସୁବୁଦ୍ଧେଶ୍ୱର ଶୈବପୀଠରେ ପାଟପର୍ବ ଉଦ୍‌ଯାପିତ



**ବାଲେଶ୍ୱର(ଉତ୍ତର), ୧୦।୬ (ସମିସ):** ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତ ପାଳୁସିଆ ସ୍ଥିତ ବାବା ସୁବୁଦ୍ଧେଶ୍ୱର ଶୈବପୀଠରେ ପାଟପର୍ବ ମହାସମାରୋହ ରେ ଉଦଯାପିତ ହୋଇଯାଇଛି। ଗତ ମଇ ମାସ ୨୮ ତାରିଖ ଉତ୍ସବ ପ୍ରାରମ୍ଭରେ ପାଟ ଭକ୍ତା ପ୍ରବୋଧ ମହାନ୍ତି, ଶ୍ରୀ ବେକଡ଼ି ଜୟନ୍ତ ମହାନ୍ତି ଏବଂ ଦେଉଳିଆ ରବୀନ୍ଦ୍ର ସାମଲ ଉପବିତ ଧାରଣ କରିବା ସହ ଅର୍ଘ୍ୟ ପ୍ରଦାନ କରିବା ପରେ ସପ୍ତମ, ପଞ୍ଚମ ଅର୍ଘ୍ୟରେ ଶତାଧିକ ଭକ୍ତ ଉପବିତ ଧାରଣ କରିଥିଲେ। ଭକ୍ତ ମାନେ ପ୍ରତିଦିନ ଦେବ ଦେବ ମହାଦେବଙ୍କ ଠାରେ ବ୍ରତଧାରଣ ପୂର୍ବକ ଅର୍ଘ୍ୟଦାନ କରିଥିଲେ। ସେହିପରି ଗତ ଶୁକ୍ରବାର ରୀତିନୀତି ଅନୁଯାୟୀ କାମିନା ବିବାହ ଅନୁଷ୍ଠିତ ହେବା ସହ ଶନିବାର ନୀଳପର୍ବ ପାଳିତ ହୋଇଥିଲା। ଗତ ରବିବାର ମୁଖ୍ୟ ପାଟପର୍ବରେ ଶହ ଶହ ଭକ୍ତ ସେହି ଗାଁର ହାକାଣ୍ଡ ପୋଖରୀ ରେ ସ୍ନାନ କରିବା ସହ ପରସ୍ପର ମଧ୍ୟରେ ମାଳ ଓ ଚନ୍ଦନ ଧାରଣ କରିଥିଲେ। ଶିବ ଦୁର୍ଗାଙ୍କ ଘଟ ଉତ୍ତୋଳନ କରି ମହା ସମାରୋହରେ ମନ୍ଦିରକୁ ଆସିଥିଲେ। ସେହିପରି ଅନେକ ଭକ୍ତ ଦେହରେ କଣ୍ଟାବିଧ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶେଷରେ ଭକ୍ତ ମାନେ ଅନ୍ତିମ ଅର୍ଘ୍ୟ ପ୍ରଦାନ କରି ବ୍ରତ ସମାପନ କରିଥିଲେ। ଏହି ପାଟ ପର୍ବ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଦର୍ଶକ ଙ୍କ ସମାଗମ ହୋଇଥିଲା। ମେଳା କମିଟି ପକ୍ଷରୁ ଏହି ଉତ୍ସବକୁ ସୁପରିଚାଳନା ଓ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସରପଞ୍ଚ ରାଜୀବ କୁମାର ଘୋଷ, ୱାର୍ଡ ମେମ୍ବର ଅରୁଣ ସାମଲ, ଅମଳେନ୍ଦୁ ଦାସ, ଜୟନ୍ତ ସାମଲ, ମୁରଲୀ ମୋହନ ମହାନ୍ତି ପ୍ରମୁଖ ଗ୍ରାମର ସ୍ୱେଚ୍ଛାସେବୀ ଯୁବକ ମାନେ ମେଳାକୁ ପରିଚାଳନା କରିଥିଲେ।

# ଶାନ୍ତିକାନନରେ ନବନିର୍ବାଚିତ ବସ୍ତା ବିଧାୟିକାଙ୍କୁ ସମ୍ବର୍ଦ୍ଧନା



**ବାଲେଶ୍ୱର, ୧୦।୬(ସମିସ):** ଫକୀରମୋହନ ସାହିତ୍ୟ ପରିଷଦର କାର୍ଯ୍ୟକାରୀ କମିଟିର ବୈଠକ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶାନ୍ତିକାନନଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ କମିଟିର ସଦସ୍ୟା ତଥା ବସ୍ତା ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବେ ବିଜୟଲାଭ କରିଥିବା ସୁବାସିନୀ ଜେନାଙ୍କୁ ଏହି ଅବସରରେ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ତରରେ ଶ୍ରୀମତୀ ଜେନା ପରିଷଦର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସାଧ୍ୟମତେ ପ୍ରଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତିତ ଆସନ୍ତା ଫକୀରମୋହନ ଶ୍ରାଦ୍ଧୋତ୍ସବ ପାଳନ ପରିପ୍ରେକ୍ଷୀରେ ଆଲୋଚନା କରାଯାଇଥିଲା। ପରିଷଦର ୭୫ବର୍ଷ ପୂର୍ତ୍ତି ଅବସରରେ 'ରତ୍ନଶ୍ରୀ' ନାମକ ଏକ ମୁଖପତ୍ର ଓ 'କନ୍‌ହେଇନାମା'ର ପରିବର୍ଦ୍ଧିତ ସଂସ୍କରଣ ପ୍ରକାଶ ପାଇବ ବୋଲି ବୈଠକରେ ସିଦ୍ଧାନ୍ତ ହୋଇଥିଲା। ପରିଷଦର ଆଜୀବନ ସଦସ୍ୟା ବନ୍ଦନା ଦାସ ପ୍ରତ୍ୟେକ ବର୍ଷ ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ କୃତିତ୍ୱର ସହ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଫକୀରମୋହନ ନୃତ୍ୟ ଓ ସଙ୍ଗୀତ ସମ୍ମାନରେ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପରିଷଦ ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବୈଠକରେ ଉପସଭାପତି ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ସମ୍ପାଦକ ଦୀପକ ବୋଷ, ସଦସ୍ୟ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡ.ଶିରୀଶ ଚନ୍ଦ୍ର ଜେନା, ରଞ୍ଜନ ବାଗ, ନିବାରଣ ଜେନା, ସ୍ମୃତି ଦାସ, ରାଜେଶ ଗିରି, ଡ. ସୁକାନ୍ତ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ଯୁଗ୍ମସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ।

**ବାଲେଶ୍ୱର ଓକିଲ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ**

# କଚେରୀ ହତାରେ ନୂତନ ଜୁଡିସିଆଲ ହବ୍ ନିର୍ମାଣ ଦାବି

**ବାଲେଶ୍ୱର, ୧୦।୬ (ସମିସ)**



ଜିଲ୍ଲାବାସୀଙ୍କ ସୁବିଧା ପାଇଁ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଜୁଡିସିଆଲ୍ ହବ୍ (ଜିଲ୍ଲା ଜଜ୍ କୋର୍ଟ କ୍ୟାମ୍ପସ) ସଦର ମହକୁମାରେ ସ୍ଥାପନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓକିଲ ସଂଘର ସଭାପତି ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ସମ୍ବିତ କୁମାର ନନ୍ଦି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଠି ବୈଠକରେ ସଂଘର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଂଘ ଦ୍ୱାରା ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ସମସ୍ତ ସଦସ୍ୟମାନେ ନିଜର ମତାମତ ପ୍ରଦାନ କରିଥିଲେ। ବର୍ତ୍ତମାନ ଜିଲ୍ଲା ଜଜ୍‌ଙ୍କ କୋର୍ଟ କ୍ୟାମ୍ପସ ସହ କଚେରୀ ହତାରେ ଥିବା ଏସ୍‌ଡିଜେଏମ କୋର୍ଟ ଓ ଅନ୍ୟ କୋର୍ଟ ଥିବା ସ୍ଥାନରେ ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ନୂତନ ଜୁଡିସିଆଲ ହବ୍ ନିର୍ମାଣ ପାଇଁ ପୁନର୍ବାର ଦାବି ପ୍ରଶାସନିକ ଓ ବିଚାର ବିଭାଗ ସ୍ତରରେ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା। ତତ୍ପରେ କମିଟି ପକ୍ଷରୁ ଆଶୁ ପଦକ୍ଷେପ ନେବା ସମ୍ପର୍କରେ ବରିଷ୍ଠ ଆଇନଜୀବୀ ତଥା ଉପଦେଷ୍ଟା ହରେକୃଷ୍ଣ ଦାଶ, କମଲ ଜାଫର, ରବିନ ଚନ୍ଦ୍ର ଦାସ, ରବିନ ଚନ୍ଦ୍ର ଜେନା, ନିରଞ୍ଜନ ପରିଡ଼ା, ଯଦୁନାଥ ବାରିକ, ପ୍ରିୟବ୍ରତ ରାୟ, ଲକ୍ଷ୍ମୀଧର ବେହେରା, ମନୋଜ କୁମାର ନାୟକ, ଦୀପକ ଦାଶ, ଲମ୍ବୋଦର ନାୟକ, ଜୟ ନାରାୟଣ ପଣ୍ଡା, ସହ ସମ୍ପାଦକ ଜିତେନ୍ଦ୍ର କୁମାର ଉପଧ୍ୟାୟ, ସଭ୍ୟ ପ୍ରଭାତ ଦାସ, ଶକ୍ତିଧର ସାନ୍ତରା, ପ୍ରବୀର ବେହେରା, ସଞ୍ଜୟ କୁମାର ଚୌଧୁରୀ, ବାସନ୍ତୀ ସାହୁ, ବରେନ୍ଦ୍ର ସେଠୀ, ଦିଗମ୍ବର ମିଶ୍ର, ପିନାକୀ ଧର, କେଶବ ଆଚାର୍ଯ୍ୟ, ଦେବୀ ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ଶିବବ୍ରତ ପଣ୍ଡା, ସଭ୍ୟ ମମତା ବେହେରା, ସୌରୀ ଶଙ୍କର ପରିଡ଼ା ପ୍ରମୁଖ କଚେରୀ ହତାରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ନୂତନ ଜୁଡିସିଆଲ ହବ୍ ନିର୍ମାଣ ପାଇଁ ମତ ପ୍ରଦାନ କରିଥିଲେ। ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ବାର୍ କାଉନସିଲର ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀ ଓ ନୃସିଂହ ଚରଣ ନାୟକଙ୍କୁ ମଧ୍ୟ ସାମିଲ କରି ଏହି ଦାବି ଉଭୟ ପ୍ରଶାସନିକ ଓ ବିଚାର ବିଭାଗ ସ୍ତରରେ ଉପସ୍ଥାପିତ କରି କାର୍ଯ୍ୟ ହାସଲ ପାଇଁ ମତପ୍ରକାଶ ପାଇଥିଲା। ସଦର ମହକୁମା ଅର୍ଥାତ୍ ପୂର୍ବ ଜିଲ୍ଲା ଜଜ୍ କୋର୍ଟ କ୍ୟାମ୍ପସରେ ହବ୍ ନିର୍ମାଣ ପାଇଁ ଦାବି ହୋଇଥିଲା। ଶେଷରେ ସଂଘର ଉପସଭାପତି ରଞ୍ଜିତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩୮ ଜଣ ଅଲିଚିକ୍ ଭାଷାରେ ପରୀକ୍ଷା ଦେଲେ

**ଜଳେଶ୍ୱର ବ୍ଲକ, ୧୦।୬ (ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ଦୁଇଟି ବିଦ୍ୟାଳୟରେ ୧୩୮ ଜଣ ଅଲିଚିକ ଭାଷାରେ ପରୀକ୍ଷା ଦେଇଥିବା ଜଣା ପଡ଼ିଛି। ବରଡିହା ଗ୍ରାମ ପଞ୍ଚାୟତର ଲୁହାପଡ଼ା ୟୁଜିୟୁପି ସ୍କୁଲରେ ୭୦ ଜଣ ଓ ଜଳନ୍ଦର ହାଇସ୍କୁଲ ପ୍ରସାଦଶୋଳ ରେ ୬୮ ଜଣ ଜୁନ ୭, ୮ ଓ ୯ ତାରିଖ ୩ ଦିନ ଧରି ସକାଳ ୧୦ ଘଟିକା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ପରୀକ୍ଷା ଦେଇଥିଲେ।୯ ତାରିଖ ଅପରାହ୍ନରେ ସେମାନଙ୍କର ପ୍ରାକ୍ଟିକାଲ ପରୀକ୍ଷା ହେବା ସହିତ ସାଧାରଣ ସଭା ହୋଇଥିଲା। ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ ଓ ରାଇବଣିଆ ମଣ୍ଡଳର ଓଷ୍ଟା ସମ୍ପାଦକ ହର ମୋହନ ମହାନ୍ତ ଉପସ୍ଥିତ ହୋଇ ପରୀକ୍ଷା ତଦାରଖ ସହ ସାଧାରଣ ସଭାରେ ଯୋଗ ଦେଇଥିଲେ। ରାଜୀବ ମୁର୍ମୁ, କନିକା ମୁର୍ମୁ, ଶ୍ୟାମ ଟୁଡୁ, ଦାଶରଥି ମୁର୍ମୁ ଓ ମୋହନ ଟୁଡୁ ପ୍ରମୁଖ ଅଲିଚିକ୍ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ପରିଚାଳନା କରିଥିଲେ।

# ଜେଏନ୍‌ୟୁରୁ ପୁରସ୍କୃତ ହେଲେ ଏଫ୍‌ଏମ୍‌ୟୁର ଦୁଇ ଛାତ୍ର





**ବାଲେଶ୍ୱର, ୧୦।୬ (ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟର ସଫଳତା ତାଲିକାରେ ଆଉ ଦୁଇ ଛାତ୍ରଙ୍କ ନାମ ଯୋଡି ହୋଇଯାଇଛି। ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶ ସୂଚନା, ସଚେତନତା, ଦକ୍ଷତା ବୃଦ୍ଧି ଏବଂ ଜୀବିକା କାର୍ଯ୍ୟକ୍ରମ ଓ ପରିବେଶ ବିଜ୍ଞାନ ବିଦ୍ୟାଳୟ, ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଦ୍ୱାରା 'ଜୈବବିବିଧତା ଏବଂ ପରିବେଶ ଉପରେ ପ୍ରଭାବ' ପ୍ରସଙ୍ଗ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ଦ୍ୱିତୀୟ ସେମିଷ୍ଟାରର ଛାତ୍ର ସୌରଭ କୁମାର ନାୟକ ଡିଜିଟାଲ୍ କଳା/ଚିତ୍ରାଙ୍କନରେ ତୃତୀୟ ସ୍ଥାନ ଓ କ୍ଷୁଦ୍ର ପ୍ରବନ୍ଧ ରଚନାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରବନ୍ଧର ବିଷୟ ରହିଥିଲା 'ଭୂମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ସ୍ଥିରତା: ଏକ ସ୍ଥାୟୀ ଭବିଷ୍ୟତ ଆଡକୁ'। ଏଥିସହିତ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ସଞ୍ଜିତ କୁମାର ସାହୁ ବିଶ୍ୱ ପରିବେଶ ଦିବସ-୨୦୨୪ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ଜଣେ ପି.ଏଚ୍.ଡି ସ୍କଲାର/ବରିଷ୍ଠ ଗବେଷଣାରତ ଛାତ୍ର। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଏହି ଛାତ୍ରଦ୍ୱୟଙ୍କ ସଫଳତା ହାସଲ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ମନ୍ଦିର ନବୀକରଣ ଓ ପ୍ରତିଷ୍ଠା ଉତ୍ସବ

**ରାଜଘାଟ, ୧୦।୬ (ସମିସ):** ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ମସଡ଼ା ଗ୍ରାମରେ ଗ୍ରାମ ଦେବତୀ ଦେବୀ ମା' ବାଶୁଳି ଓ ମା' କାଳୀକା ଦେବୀଙ୍କ ମନ୍ଦିରର ନବୀକରଣ ସହିତ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଠାରେ ସୂଚନା ଥାଉକି ଦୀର୍ଘ ବର୍ଷ ହେବ ଏକ ଅସୁରକ୍ଷିତ ଘରେ ଅବହେଳିତ ଅବସ୍ଥାରେ ଗ୍ରାମ ଦେବୀ ମା' ବାଶୁଳି ଓ ଦେବୀ କାଳୀକା ପୂଜା ପାଇ ଆସୁଥିଲେ। ତେବେ ଜଳେଶ୍ୱର ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଉକ୍ତ ମନ୍ଦିର ନବୀକରଣ ପାଇଁ ପାଞ୍ଚ ଲକ୍ଷ ଟଙ୍କା ସରକାରୀ ସହାୟତା ଯୋଗାଇ ଦେଇଥବା ବେଳେ ସମାଜ ସେବୀ ଗିରିଜା ଶଙ୍କର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଅଞ୍ଚଳବାସୀ ଓ ଗ୍ରାମବାସୀଙ୍କ ମିଳିତ ସାହାଯ୍ୟ ସହଯୋଗରେ ଉକ୍ତ ମନ୍ଦିରଟି ନୂତନ ଭାବେ ନିର୍ମିତ ହୋଇ ପ୍ରତିଷ୍ଠା ହୋଇ ପାରିଛି।

# ବିଦ୍ୟୁତ୍ ଆଘାତରେ ବୃଦ୍ଧ ମୃତ

**ରାଇବଣିଆ, ୧୦।୬(ସମିସ):** ଜଳେଶ୍ୱର ବ୍ଲକ ଖୁଦିଆମାଝିସାହି ପଞ୍ଚାୟତର ଗୋପାଳ ପ୍ରସାଦ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଅନୀଲ ଧେଉଡିଆ (୬୫) ଜଣେ କାଠ ମିସ୍ତ୍ରି ଭାବେ କାମକରି ନିଜର ପରିବାରର ଗୁଜରାଣ ମେଣ୍ଟାଇ ଆସୁଥିଲେ। ଆଜି ଦିନ ୧୧ଟା ସମୟରେ ଅନିଲ ନିଜର ଘରେ କାଠକାମ କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ତେବେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଅନିଲଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ରାଇବଣିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ବେଳେ ତହସିଲଦାର ଆରଆଇଙ୍କ ଦ୍ୱାରା ତଦନ୍ତ କରି ଅସହାୟ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ଦଶହଜାର ଟଙ୍କା ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ନୃତ୍ୟ ସଙ୍ଗୀତ କଳାମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ବାଲେଶ୍ୱର, ୧୦।୬ (ସମିସ):** ଟାଉନ ହଲ୍‌ରେ ଚାଲିଥିବା ନୃତ୍ୟ ସଙ୍ଗୀତ କଳା ମନ୍ଦିରର ୬୮ ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଉଛି। ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ବାର୍ଷିକ ଉତ୍ସବରେ ସମସ୍ତ ପ୍ରକାର ବାଦ୍ୟଯନ୍ତ୍ର ମଧ୍ୟରେ ତବଲା ବାଦନ ହେଉଛି ଅନ୍ୟତମ ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ଅୟନ ସେନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀ ଘୋଷ, ଅନୁଷ୍ଠାନର ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ ମଞ୍ଚାସୀନ ଥିଲେ। ଶରତ ଚନ୍ଦ୍ର ଦାଶ ୬ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। 'ସୁକୁମାର ସାହୁ ସମ୍ମାନ'ରେ ସଙ୍ଗୀତ ଗୁରୁ ପ୍ରଶାନ୍ତ ପାଢ଼ୀ, 'ନିର୍ମଳା-ପ୍ରହ୍ଲାଦ ମହାନ୍ତି ସମ୍ମାନ'ରେ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ବେଲା ସେନ୍, ଚାରୁକଳା କ୍ଷେତ୍ରରେ ସଞ୍ଜୟ କୁମାର ରାଉଳଙ୍କୁ 'ବିଷ୍ଣୁପ୍ରିୟା ଦେବୀ ସମ୍ମାନ', 'ମନୋଜ ପଟ୍ଟନାୟକ ଶିକ୍ଷକ ସମ୍ମାନ'ରେ ମୁକ୍ତିକାନ୍ତ ମହାନ୍ତି ଏବଂ ପୁରାତନ ଛାତ୍ର ସତ୍ୟସିଂହ ଦାସ୍ ଓ ମୌନା ସାହାଙ୍କୁ କିଶୋର ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଉଦଯାପନୀ ସନ୍ଧ୍ୟାର ସାମୁହିତ ତବଲା ବାଦନ ମୁଖ୍ୟ ଆକର୍ଷଣ ସାଜିଥିଲା। ଏଥିରେ ୪୪ ପୁଅ ଏବଂ ୨ ଜଣ ଝିଅ ଅଂଶଗ୍ରହଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏଥିସହିତ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଶଣ କରିଥିଲେ। ଶେଷରେ ସହ ସମ୍ପାଦକ ଅନନ୍ତ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରି ଅଭିଯୋଗରେ ଥାନାରେ ୩ ଅଟକ

**ଚୌକି, ୧୦।୬(ସମିସ) :** ରାତି ଅଧରେ ଘରୁ ଧାନ ବସ୍ତା ଚୋରି କରିବା ମହଙ୍ଗା ପଡ଼ିଲା। ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ୩ ଯୁବକ ଛେଚା ଖାଇଲେ। ସେମାନଙ୍କୁ ଗ୍ରାମବାସୀ ସ୍ଥାନୀୟ ସ୍କୁଲ ଘରେ ଅଟକ ରଖିଥିବା ବେଳେ ଖବର ପାଇ ଭୋଗରାଇ ପୁଲିସ ଉଦ୍ଧାର କରି ସେମାନଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛନ୍ତି। ଏପରି ଘଟଣା ଘଟିଛି ଭୋଗରାଇ ଥାନା ଗୁନାଇବସାଣ ପଞ୍ଚାୟତ ନାଇଦୋଳି ଗ୍ରାମରେ। ସୂଚନାରୁ ପ୍ରକାଶ ଯେ ଭୋଗରାଇ ଥାନା ସୁନ୍ଦରାଡି ଗ୍ରାମର ଗିରିଶ ଚନ୍ଦ୍ର ଗିରିଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ନାଇଦୋଳି ଗ୍ରାମର କୃଷ୍ଣ ଗୋପାଳ ସ୍ୱାଇଁ, ନିମାଇଁ ଚରଣ ପାତ୍ର ଓ ଶିବ ସୁନ୍ଦର ଜେନା ୫ ବସ୍ତା ଧାନ ଚୋରି କରି ନେଉଥିବା ବେଳେ ନାଇଁଦୋଳି ଗ୍ରାମର କିଛି ଯୁବକ ସେମାନଙ୍କୁ ସନ୍ଦେହରେ ଅଟକ ରଖିଥିଲେ। ପରେ ଘଟଣାଟି ସତ ବୋଲି ଜଣା ପଡ଼ିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ୩ ଅଭିଯୁକ୍ତ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଆକ୍ରମଣରେ ହରେନ୍ଦ୍ର ଜେନା ନାମକ ଜଣେ ଗ୍ରାମବାସୀ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ସମୂହ ଗ୍ରାମବାସୀ ମିଶି ଚୋର ୩ ଜଣଙ୍କୁ ସ୍କୁଲ ଘରେ ଅଟକ ରଖିଥିଲେ। ସକାଳେ ଭୋଗରାଇ ପୁଲିସ ଖବରପାଇ ୩ ଜଣ ଅଭିଯୁକ୍ତଙ୍କୁ ସ୍କୁଲ ଘରୁ ଉଦ୍ଧାର କରିବା ସହିତ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ସେହି ଅଞ୍ଚଳରେ ପ୍ରତ୍ୟେକ ଦିନ ବିଭିନ୍ନ ଚୋରି ଘଟଣାରେ ଏମାନେ ସାମିଲ ଥିବା କଥା ଲୋକେ ସନ୍ଦେହ କରୁଛନ୍ତି।

# ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ



**ଭୋଗରାଇ, ୧୦।୬ (ସମିସ)**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବାରବାଟିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଓଡ଼ିଶା ଶିକ୍ଷା ବିକାଶ ସମିତି ପୂର୍ବୋତ୍ତର ସମ୍ଭାଗ ଅନ୍ତର୍ଗତ ଭୋଗରାଇ ସଙ୍କୁଳ ପକ୍ଷରୁ ତ୍ରିଦିବସୀୟ ସାମୁହିକ ଆଚାର୍ଯ୍ୟ କର୍ମଶାଳା ସୋମବାର ଉଦଯାପିତ ହୋଇଯାଇଛି। ଚଳିତ ମାସ ଜୁନ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାରେ ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ବସ୍ତା ବ୍ଲକର ସମୁଦାୟ ୧୫ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୩୮ ଜଣ ପ୍ରଶିକ୍ଷାର୍ଥୀ ଗୁରୁଜୀ ଗୁରୁମା ଅଂଶଗ୍ରହଣ କରିଥିଲେ। ୭୦ଟି ଶୈକ୍ଷିକ କାଳାଂଶ ସହ ସର୍ବମୋଟ ୭୬ ଟି କାଳାଂଶକୁ ଗୁରୁଜୀ ଗୁରୁମା, ମାତୃ ମଣ୍ଡଳୀ ଓ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ମାନେ ପରିଚାଳନା କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୁଆ, ମୁଖ୍ୟଅତିଥି ଭାବେ ସମ୍ଭାଗ ବିଦ୍ୟୁତ ପରିଷଦ ପ୍ରମୁଖ ଶରତ ଚନ୍ଦ୍ର ମଲ୍ଲିକ, ବାରବାଟିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ମମତା ସାହୁ ପ୍ରମୁଖ ଯୋଗଦେଇ ହିନ୍ଦୁ ଜୀବନ ଶୈଳୀରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ବ୍ୟକ୍ତି ଅପେକ୍ଷା ରାଷ୍ଟ୍ର ସର୍ବୋପରି ବିଶ୍ୱ ସଂସ୍କୃତିକୁ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍କୁଳ ପ୍ରମୁଖ ଶରତ ଚନ୍ଦ୍ର ପରିଡ଼ା, ବାରବାଟିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଗିରିଶ ଚନ୍ଦ୍ର ପାତ୍ର, ସମ୍ପାଦକ ସତ୍ୟନାରାୟଣ ପାତ୍ର, ସଙ୍କୁଳ ସଂଯୋଜକ ରବୀନ୍ଦ୍ର ପଣ୍ଡା, ସହ ବିଭାଗ ନିରୀକ୍ଷକ ସୁବ୍ରତ କୁମାର ମୁଖାର୍ଜୀ, ଜିଲ୍ଲା ସହ ପ୍ରମୁଖ ଶ୍ରୀନିବାସ ପାତ୍ର ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଫଳ କରିବା ପାଇଁ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ତରଫରୁ ଏହା ଏକ ଅଭିନବ ପ୍ରଶିକ୍ଷଣ, କର୍ମଶାଳା ଏବଂ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ଶୁଭେଚ୍ଛୁ ନିମାଇଁ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ମୃତି ଗ୍ରନ୍ଥ 'ପଦାରବିନ୍ଦେ ଶ୍ରଦ୍ଧାଞ୍ଜଳି' ଉନ୍ମୋଚିତ



**ବାଲେଶ୍ୱର, ୧୦।୬(ସମିସ):** ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ପଦାରବିନ୍ଦ ଦଣ୍ଡପାଟଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ଏଡିଏମ୍ ଛକସ୍ଥିତ ସନ୍ନିକଟ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ସ୍ମୃତି ଗ୍ରନ୍ଥ 'ପଦାରବିନ୍ଦେ ଶ୍ରଦ୍ଧାଞ୍ଜଳି' ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ସାହିତ୍ୟିକ ଡ. ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, 'ପ୍ରତିଭାଶ୍ରୀ' ମୁଖ୍ୟ ପ୍ରଶାନ୍ତ ଦାସ, 'ସୁବର୍ଣ୍ଣଶ୍ରୀ'ର ପ୍ରତିଷ୍ଠାତା କବି କାଳିପଦ ପଣ୍ଡା, ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟ, ଲେଖକ କିଶୋର ମୋହନ ସିଂହ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇ ପଦାରବିନ୍ଦଙ୍କ ବହୁମୁଖୀ ପ୍ରତିଭାର ସ୍ମୃତଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଇଂ ବନମାଳୀ ନାୟକ, ନିରଞ୍ଜନ ପରିଡ଼ା, ପର୍ଶୁରାମ ପ୍ରଧାନ, ପ୍ରଭାକର ମିଶ୍ର, ବଂଶୀଧର ଜେନା, ସୁଧାଂଶୁ ଶେଖର ଦାସ, ମମତା ମହାପାତ୍ରଙ୍କ ସମେତ ପ୍ରଦୀପ କିଶୋର ଦଣ୍ଡପାଟ, ଡାକ୍ତର ଦେବବ୍ରତ ଦଣ୍ଡପାଟ, ସୂର୍ଯ୍ୟକାନ୍ତ ଦଣ୍ଡପାଟ, ସସ୍ମିତା ଦଣ୍ଡପାଟ, ଶିବନ୍ତିକା, ଦେବଦତ୍ତ, ଡ଼ା. ସ୍ୱାତୀ ଦଣ୍ଡପାଟ, ଇଂ ସୌମ୍ୟା ଦଣ୍ଡପାଟ, ଦୀପ୍ତିରାଣୀ ଦଣ୍ଡପାଟ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ପଦାରବିନ୍ଦଙ୍କ ସାନ ଭାଇ ଦେବବ୍ରତ ଦଣ୍ଡପାଟ ମଞ୍ଚ ଆହ୍ୱାନ କରିଥିଲେ। ଝିଆରୀ ଡାକ୍ତର ସାଇସ୍ମିତା ଦଣ୍ଡପାଟ ଏକ ଶୋକ ସଙ୍ଗୀତ ଗାନ କରିଥିଲେ। ପୁତ୍ର ସୂର୍ଯ୍ୟକାନ୍ତ ଦଣ୍ଡପାଟ କୃତଜ୍ଞତା ଜ୍ଞାପନ କରିଥିଲେ।

# ବିର୍ସା ମୁଣ୍ଡାଙ୍କ ସହିଦ ଦିବସ ପାଳିତ




**ଚନ୍ଦନେଶ୍ୱର,୧୦।୬ (ସମିସ):** ଭାରତର ଚିରସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ମଧ୍ୟରୁ ସହିଦ ବିର୍ସା ମୁଣ୍ଡା ଅନ୍ୟତମ। ଭାରତ ସରକାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରିଥାନ୍ତି। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରତିବର୍ଷ ଭଳି ରବିବାର ଭୋଗରାଇର ଚନ୍ଦନେଶ୍ୱର ଆଜାଦ୍ ହିନ୍ଦ୍ କ୍ଲବରେ ଏଆଇଡିଏସଓ ଛାତ୍ର ସଙ୍ଗଠନ ତରଫରୁ ବୀରସହିଦ ବିର୍ସାମୁଣ୍ଡାଙ୍କ ୧୨୫ତମ ସହୀଦ ଦିବସ ପାଳନ ହୋଇ ଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା "ଅପୋସହୀନ ଧାରାର ମହାନ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୀବନ ଇତିହାସ ଆଜିର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବହୁ ଗୁରତ୍ୱପୂର୍ଣ୍ଣ ଶୀର୍ଷକ ତର୍କ ଓ ପ୍ରବନ୍ଧ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ କ୍ଲବର ହରେକୃଷ୍ଣ ଦାସଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମନୋଜ ପାତ୍ର, ସସ୍ମିତା ମହାନ୍ତି, ଯାହିଦ୍ ଖାଁ , ଆସ୍ମାନ ରାଜ ଆଦି ଯୋଗଦେଇ ଭାରତରେ ମୁକ୍ତି ସଂଗ୍ରାମରେ ମହାନ୍ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ଅବଦାନ ଅନବଦ୍ୟ ଓ ଅବିସ୍ମରଣୀୟ । ଇଂରେଜ ଶାସନ, କୁସଂସ୍କାର, ଅନ୍ଧବିଶ୍ୱାସ ଓ କ୍ରୀତଦାସ ପ୍ରଥା ବିରୁଦ୍ଧରେ ଜଣେ ଯୋଦ୍ଧା ଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ବିର୍ସାମୁଣ୍ଡାଙ୍କୁ ଜନଜାତି ସଂପ୍ରଦାୟ ତାଙ୍କୁ ଧରତୀଆବା ବା ବିର୍ସା ଭଗବାନ ଆଖ୍ୟା ଦେଇ ସମ୍ମାନ କରି ଆସୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏଆଇ ଡିଏସଓର ଅସିମା ଖାତୁନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟ ପରିଚାଳନାରେ ଆଜାଦ୍ ହିନ୍ଦ୍ କ୍ଲବର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ସହଯୋଗ କରିଥିଲେ।

# ୧୩ରୁ ସୁନ୍ଦରପୁର ରଜ ମହୋତ୍ସବ



**ଖଇରା, ୧୦।୬ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୪ଦିନ ଧରି ବ୍ଲକସ୍ତରୀୟ ରଜ ମହୋତ୍ସବ ଅନୁଷ୍ଠିତ ହେବ। ୧୨ ତାରିଖରେ ମେଗା ରକ୍ତଦାନ ଶିବିର ଏବଂ ୧୩ ତାରିଖରୁ ୧୬ତାରିଖ ପାର୍ଯ୍ୟନ୍ତ ରଜରାଣୀ, କବାଡି, ତାସ, ମ୍ୟୁଜିକ ଚେୟାର ଭଳି ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ ସଂଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ, ସଭା ସମ୍ବର୍ଦ୍ଧନାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ସଂଧ୍ୟାରେ ଓଡିଶା ଚଳଚ୍ଚିତ୍ର ଜଗତରେ ପ୍ରସିଦ୍ଧି ଲାଭ କରିଥିବା ଅଭିନେତା, କଣ୍ଠଶିଳ୍ପୀ ଯୋଗଦାନ କରି ଦର୍ଶକମାନଙ୍କୁ ଭରପୂର ମନୋରଞ୍ଜନ ପ୍ରଦାନ କରିବେ। ଦର୍ଶକ ମାନେ ରଜଦୋଳି, ପାରମ୍ପରିକ ପିଠାପଣାର ମଜା ମଧ୍ୟ ନେଇ ପାରିବେ ବୋଲି ସୋମବାର ଖଇରା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରଜ ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଜେଭିସିସି ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ସଭାପତି ଭାବେ ପ୍ରଧାପକ ସୁରେନ୍ଦ୍ର ନାଥ ରାଉତ ଆଲୋଚନା ଆରମ୍ଭ କରି କୃଷିଭିତ୍ତିକ ଏହି ରଜପର୍ବର ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜିବିତ କରିବାକୁ ଖଇରା ବ୍ଲକର ସୁନ୍ଦରପୁର ଭଳି ଗ୍ରାମାଞ୍ଚଳରେ ବିଗତ ୫ବର୍ଷ ଧରି ଆୟୋଜନ କରାଯାଉଛି। ଏଥିରେ ସମସ୍ତେ ସହଯୋଗର ହାତ ବଢାଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଚଳିତ ପୁଣିଥରେ ଏହି ସହଯୋଗ ମିଳିବ ବୋଲି ଆଶାପ୍ରକଟ ମଧ୍ୟ କରିଥିଲେ। ସମ୍ପାଦକ ଚନ୍ଦ୍ରକାନ୍ତ କୁଅଁର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଉପଦେଷ୍ଟା ନରହରି ନାୟକ, ଡା. ହରେକୃଷ୍ଣ ରାଉତ, ବାବାଜି ଚରଣ ପଣ୍ଡା, କରୁଣାକର ପାଣି, ପ୍ରଭାତ କୁମାର ନାୟକ, ସଂଯୋଜକ ବରେନ୍ଦ୍ର କୁମାର ନାୟକ, ପ୍ରହଲ୍ଲାଦ ରାୟ, ଦେବେନ୍ଦ୍ର ନାୟକ ଓ କୋଷାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୪ ମାସ ହେଲା ରାସ୍ତା କାଟି ଦେଇଛନ୍ତି

# ମରାମତି ପାଇଁ ପ୍ରଶାସନକୁ ଗୁହାରିକଲେ ଗ୍ରାମବାସୀ

**ଚୌକି, ୧୦।୬ (ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅନ୍ତର୍ଗତ ମହାଗବ ପଞ୍ଚାୟତର ସେହି ଗ୍ରାମ ଏକ ନମ୍ବର ୱାର୍ଡର ଏକ ସରକାରୀ ରାସ୍ତାକୁ ଦୀର୍ଘ ଚାରିମାସ ହେବ ଗ୍ରାମର କିଛି ଅସାଧୁ ଲୋକ କାଟି ଦେଇଛନ୍ତି। ଫଳରେ ଲୋକେ ଯାତାୟାତରେ ଦୁର୍ଦ୍ଦଶା ଭୋଗୁଛନ୍ତି। ତେଣୁ ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଗ୍ରାମବାସୀ ପକ୍ଷରୁ ତହସିଲଦାରଙ୍କ ନିକଟରେ ଗୁହାରୀ କରିଥିବା ଜଣାପଡ଼ିଛି। ଗତ ଫେବୃଆରୀ ୪ ତାରିଖ ଦିନ ଗ୍ରାମର କିଛି ଲୋକେ ଗଣ୍ଡଗୋଳକୁ କେନ୍ଦ୍ର କରି ଗ୍ରାମ ଭିତରକୁ ଯାଇଥିବା ଏକ ସରକାରୀ ରାସ୍ତାକୁ କାଟି ଦେଇଥିଲେ। ଏ ବାବଦରେ ଗାଁ ବାସୀ ପୁଲିସ ଓ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ଥାନା ଅଧିକାରୀ ଓ ତହସିଲଦାରଙ୍କ ହସ୍ତକ୍ଷେପ ପରେ ସମ୍ପୃକ୍ତ ବ୍ୟକ୍ତି ମାନେ ରାସ୍ତା କାଟି ଥିବାର ମାନି ଥିଲେ ଓ ରାସ୍ତା ମରାମତି କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜକୁ ଚାରିମାସ ବିତିଗଲେ ମଧ୍ୟ ରାସ୍ତାଟିକୁ ମରାମତି କରିନାହାନ୍ତି। ଆଗକୁ ବର୍ଷା ଓ ବନ୍ୟା ଦିନ ଆସୁଛି ଏବଂ ଛୋଟ ଛୋଟ ପିଲାମାନେ ସେହି ରାସ୍ତା ଦେଇ ବିଦ୍ୟାଳୟକୁ ଯିବା ଆସିବା କରୁଛନ୍ତି। ବୃଦ୍ଧ ମାନେ ଏବଂ ମହିଳା ମାନେ ସେହି ରାସ୍ତା ଉପରେ ନିର୍ଭର କରି ବିଭିନ୍ନ ଯାଗାକୁ ଯିବାଆସିବା କରି ଥାନ୍ତି। ରାସ୍ତାଟି ୩ ଫୁଟ ଗଭୀର ଓ ୪ ଫୁଟ ଓସାରର ହୋଇଥିବାରୁ ଯାତାୟତ ପାଇଁ ବହୁତ କଷ୍ଟ ହେଉଅଛି। ଆଗାମୀ ସାତ ଦିନ ମଧ୍ୟରେ ଯଦି ରାସ୍ତା ମରାମତି ନ କରାଯାଏ ତେବେ ଗ୍ରାମବାସୀ ରାଜ ରାସ୍ତାକୁ ଓହ୍ଲାଇବ ବୋଲି କବେତୁନ ଖାତୁନ, ଇସରାଫେଲ ମହମ୍ମଦ, ଏସ୍ କେ ରହିମ ବକ୍ସ, ଆଦି ପାଞ୍ଚ ପରିବାର ଲୋକେ ତହସିଲଦାରଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି।



## ■ କୁଦୁମା ଜାତିର ମହାସମ୍ମିଳନୀ

# ପୁସ୍ତକ 'ଜାତି ସଂଗ୍ରାମର ଇତିହାସ' ଉନ୍ମୋଚିତ



**ଜଳେଶ୍ୱର ବ୍ଲକ,୧୦।୬ (ସମିସ):** ସମଗ୍ର ଉତ୍ତର ବାଲେଶ୍ୱରରେ ବସବାସ କରି ଆସୁଥିବା କୁଦୁମା ଜାତିକୁ ସେମାନଙ୍କ ହକ୍ ପ୍ରଦାନ, ସଚେତନତା ବୃଦ୍ଧି ତଥା ଏକତା ରକ୍ଷା ଲାଗି ଏକ ଜାତି ମହାସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇ ଯାଇଛି। କୁଦୁମା ଜାତିକୁ ସେମାନଙ୍କ ହକ ପାଇଁ ଚାଲିଥିବା ଆନ୍ଦୋଳନରେ ସହିଦ ହୋଇଥିବା ତିନି ଜଣ ଶହିଦଙ୍କୁ ଶ୍ରଦ୍ଧାସୁମନ କରିବା ସହିତ ଜାତି ଇତିହାସ ପୁସ୍ତକ ଲୋକାର୍ପିତ ହୋଇଛି। ଜଳେଶ୍ୱର ବ୍ଲକର ବର୍ତ୍ତନା ଗ୍ରାମ ପଞ୍ଚାୟତ ସ୍ଥିତ ସହିଦ କ୍ଷେତ୍ରଠାରେ ଜଳେଶ୍ୱର, ବାଲିଆପାଳ, ଭୋଗରାଇ ଓ ବସ୍ତା ଅଞ୍ଚଳରୁ ଯୋଗ ଦେଇଥିବା ସହସ୍ରାଧିକ କୁଦୁମା ଜାତିର ଲୋକେ ଏକତ୍ରିତ ହୋଇ ପାଳନ କରୁଥିବା ଜାତି ସମ୍ମିଳନୀକୁ ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ନିରଞ୍ଜନ ଜେନା ଉଦଘାଟନ କରିଥିଲେ। ଜାତି ସଂଗ୍ରାମ ଇତିହାସ ପୁସ୍ତକକୁ ଉନ୍ମୋଚନ କରି କୁଦୁମା ଜାତି ତାର ଜାତୀୟ ଇତିହାସ ଲେଖି ସମାଜ ସ୍ମୃତିରେ ଏକ ଅଲିଭା ରେଖା ଛାଡ଼ି ଯାଇ ଥିବାର କହିଥିଲେ। ଆୟୋଜିତ ସଭାରେ ସଂଘର ସଭାପତି ତଥା କେନ୍ଦ୍ର ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ରମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରି ସ୍ୱାଗତ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ରେମୁଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଯୋଗ ଦେଇ କୁଦୁମା ଜାତି, ତାର ହକ ପାଇଁ ଲଢେଇ ଜାରି ରଖି ସଫଳ ହୋଇଥିବା ବେଳେ ଜାତି ତାର ଇତିହାସ ଲୋକାର୍ପିତ କରି ଭବିଷ୍ୟତ ପାଇଁ ଦିଗଦର୍ଶନ ଦେଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. କାର୍ତ୍ତିକ ପ୍ରସାଦ ଜେନା ଜାତି ସଂଗ୍ରାମ ଇତିହାସ ପୁସ୍ତକକୁ ବିଶ୍ଳେଷଣ କରି କୁଦୁମା ଜାତିର କେତେକ ସଂଗ୍ରାମୀ ବ୍ୟକ୍ତି ଲଢେଇ ଜାରି ରଖି ହକ୍ ହାସଲ କରି ପାରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଶିଳ୍ପପତି ସୁଦର୍ଶନ ଜେନା, ଅବସରପ୍ରାପ୍ତ ଅତିରିକ୍ତ ପୁଲିସ ଅଧିକ୍ଷକ ସୁଧାକର ଜେନା ଏବଂ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା, ଅବସରପ୍ରାପ୍ତ ବ୍ୟାଙ୍କ୍ ଶାଖା ପରିଚାଳକ ବୈଲୋଚନ ପାତ୍ର, ନେତ୍ରାନନ୍ଦ ଜେନା, ବରେନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହାସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ରାମଚନ୍ଦ୍ର ଜେନା ସଂପାଦକୀୟ ବିବରଣୀ ପାଠ କରି କୁଦୁମା ଜାତିକୁ ତଫସିଲ ଭୁକ୍ତ ଜାତିର ମାନ୍ୟତା ପାଇଁ ସଂଗ୍ରାମ କରି ୨୦୦୭ରେ ସଫଳ ହୋଇଥିଲେ। ଏବେ ଏଥିରୁ ବଞ୍ଚିତ କରାଗଲେ ଜୋରଦାର ସଂଗ୍ରାମ ହେବ ବୋଲି ଚେତାବନୀ ଦେଇଥିଲେ। ସଂଗ୍ରାମ କାଳରେ ବଳିଦାନ ଦେଇଥିବା ବାଣିଦା ଗ୍ରାମର ଶ୍ରୀହରୀ ଚରଣ ଜେନା, ଉଇଟିକିରି ରବି ନାରାୟଣ ଜେନା, ଭୋଗରାଇର ଗୌରାଙ୍ଗ ମଲ୍ଲିକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଓ ତାଙ୍କ ପରିବାର ବର୍ଗଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ଶିବଶଙ୍କର ଜେନା ମଞ୍ଚ ଆହ୍ୱାନ ଓ ହେମନ୍ତ ଦଳାଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅତିଥି ଭାବରେ ଅବସରପ୍ରାପ୍ତ ଏବିଡିଓ ଭାଗବତ ଜେନା, ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଜେନା, ଶିକ୍ଷକ ବୁଦ୍ଧଦେବ ଜେନା, ସମାଜସେବୀ ରଜନୀକାନ୍ତ ଜେନା, ନବୀନ କୁମାର ଜେନା, ପ୍ରଧାନ ଶିକ୍ଷକ ସମର ଜେନା, ଇଞ୍ଜିନିୟର ଗୋପାଳ ଚନ୍ଦ୍ର ଜେନା, ଚନ୍ଦନ ଜେନା, ଅଜୟ ଜେନା, ସିଦ୍ଧାନ୍ତ ଜେନା, ଦୁର୍ଗାପ୍ରସାଦ ଜେନା, ଲକ୍ଷ୍ମୀଧର ଜେନା, ମୋନାଲିସା ଜେନା, ଅପରାହ୍ନ ସମ୍ପାଦିକା ଲକ୍ଷ୍ମୀପ୍ରିୟା ଜେନା, ଅଧାପିକା ଜ୍ୟୋସ୍ନା ନାୟକ, ଆଶୋକ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ପିତାମ୍ବର ଜେନା, କୃତିବାସ ଜେନା, ଗୋପୀନାଥ ଜେନା, ଜଗଦିଶ ଜେନା, ଗୌରାଙ୍ଗ ଜେନାଙ୍କ ସହିତ ବର୍ତ୍ତନା ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥାଇ ସଭାକାର୍ଯ୍ୟ ସହଯୋଗ କରିଥିଲେ। ସର୍ବ ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ତିନି ସଂଗ୍ରାମୀ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି**

# ଯୋଗ ଶିକ୍ଷକ ତାଲିମ ଶିବିର ଓ ପ୍ରସ୍ତୁତି ବୈଠକ

**ବାଲେଶ୍ୱର, ୧୦।୬(ସମିସ):** ଯୋଗ ମହୋତ୍ସବ ସମିତି ତରଫରୁ ଆସନ୍ତା ଜୁନ୍ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଯୋଗଦିବସ ପାଳନ ଉପଲକ୍ଷେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ /ବ୍ଲକ୍ /ମ୍ୟୁନିସିପାଲିଟି ଅଞ୍ଚଳରେ ଯୋଗ ଶିକ୍ଷକ ତାଲିମ ଶିବିର ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରତ୍ୟେକଟି ପଞ୍ଚାୟତରେ ଜୁନ୍ ୨୧ ତାରିଖରେ ଲୋକମାନଙ୍କୁ ଯୋଗାଭ୍ୟାସ କରାଇବା ପାଇଁ ପ୍ରତ୍ୟେକ ସ୍ଥାନରେ ସିଦ୍ଧାନ୍ତ ନିଆଯାଇଥିଲା। ଗତ ଜୁନ୍ ୨ ଓ ୯ରେ ସହଦେବଖୁଣ୍ଟା ଓ ଲଳିତେଶ୍ୱରୀ କାଳିମନ୍ଦିରଠାରେ ତାଲିମ ଶିବିର ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଜିଲ୍ଲାସ୍କୁଲ୍ ମାର୍ଗରେ ଥିବା ସିଦ୍ଧି କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ପାଳନ କରାଯିବାକୁ ସ୍ଥିର ହୋଇଥିଲା। ସେଦିନ ଧ୍ୟାନ, ଯଜ୍ଞ, ସୂର୍ଯ୍ୟନମସ୍କାର, ହାସ୍ୟାସନ ସହିତ ପ୍ରଟୋକଲ୍ ଯୋଗ ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହୋଇ ଦିନ ୮ଟା ପର୍ଯ୍ୟନ୍ତ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ସୋର ଉତ୍ତରେଶ୍ୱର, ବାଲିଆପାଳ ଜଗନ୍ନାଥ ମନ୍ଦିର ପରିଷଦ, ନୀଳଗିରି ଜଗନ୍ନାଥ ମନ୍ଦିର ନିକଟ ସାଇ ସେବା ସମିତି ଓ ବାଲେଶ୍ୱର କାଳୀମନ୍ଦିରରଠାରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକୁ ସମିତିର ସଭାପତି ସୁଜିତ କୁମାର ଜେନା ପରିଚାଳନା କରିଥିଲେ।

# ଜୁଲାଇ ୭ରୁ କୁମ୍ଭାରମୁଳି ଶ୍ରୀଗୁଣ୍ଡିଚା ରଥଯାତ୍ରା ଉତ୍ସବ

**ଚନ୍ଦନେଶ୍ୱର, ୧୦।୬ (ସମିସ) :** ଭୋଗରାଇ ବ୍ଲକ ଅନ୍ତର୍ଗତ କୁମ୍ଭାରମୁଳୀ ପଞ୍ଚାୟତ ସେହି ଗ୍ରାମରେ ଜୁଲାଇ ମାସ ୭ ତାରିଖରୁ ଆରମ୍ଭ ହେବ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଉତ୍ସବ। ଏହି ଉତ୍ସବ ଗତ ବର୍ଷ ସେହି ଗ୍ରାମର ବଉଳଗଛ ଛକ ନିକଟରେ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଜୁଲାଇ ୭ ରଥଯାତ୍ରାଠାରୁ ଆରମ୍ଭ ହୋଇ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଦିନ ଉଦ୍‌ଯାପିତ ହେବ ବୋଲି ରବିବାର ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇ ଗଣମାଧ୍ୟମକୁ କମିଟିର ପ୍ରତିଷ୍ଠାତା ତଥା ସଭାପତି ଜଗନ୍ନାଥ ଗିରି ସୂଚନା ଦେଇଛନ୍ତି। ଆଜିର ସମାଜରେ ସନାତନୀ ଧର୍ମର ପ୍ରଚାର ପ୍ରସାର ଦିନକୁ ଦିନ ହ୍ରାସ ପାଉଥିବା ବେଳେ ମହାପ୍ରଭୁଙ୍କ ପ୍ରଚାର ପ୍ରସାର କେମିତି ଅଧିକ ହୋଇ ଲୋକଙ୍କୁ ସଚେତନ କରାଇ ପରମ୍ପରାକୁ ବଜାଇ ରଖିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ଗିରି କହିଛନ୍ତି। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରଭୁଙ୍କ ନାମ ସଂକୀର୍ତ୍ତନ ହୋଇ ହେରାପଞ୍ଚମୀ ଦିନ ଏକ ବିଶାଳ ମହୋତ୍ସବର ଆୟୋଜନ ହୋଇଥିବା ଜଣାପଡିଛି। ପ୍ରସ୍ତୁତି ବୈଠକରେ ସଭାପତି ତଥା ଯୁବ ସାମ୍ବାଦିକ ଶ୍ରୀ ଗିରି ସମେତ ସମ୍ପାଦକ ହରିପଦ ପାଳ, ଉମେଶ ଦେ, ଜନାର୍ଦ୍ଦନ ସାହୁ, ରବୀନ୍ଦ୍ର ଗିରି,ନବକାନ୍ତ ବେହେରା, ରମେଶ ଚନ୍ଦ୍ର ଗିରି, ଅନନ୍ତ କରଣ, ବୈଦନାଥ ଆଧେକ, ନମିତା ଗିରି, ବାବୁ ସାହୁ, ରଜନୀକାନ୍ତ କରଣ ପ୍ରମୁଖ ଉପସ୍ଥିତ ଥିଲେ।



# ପରମ୍ପରା ଓ ମୌଳିକତା ହରାଇବାକୁ ବସିଲାଣି ପରବରାଣୀ ରଜ

**ଜଳେଶ୍ୱର ବ୍ଲକ,୧୦।୬ (ସମିସ) :** ଓଡ଼ିଶାରେ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ରଜପର୍ବ ପାଳନ ଏକ ନିଆରା ପରମ୍ପରା। ଏହି ଗଣ ଉତ୍ସବକୁ ପର୍ବ ମଧ୍ୟରେ ରାଣୀ ବୋଲି ମଧ୍ୟ ଅଭିହିତ କରାଯାଇଥାଏ। କାରଣ ଏହି ଉତ୍ସବର ମୌଳିକତା, ଉଦ୍ଦେଶ୍ୟ, ସାଜସଜ୍ଜା, ଖାଦ୍ୟ ପାନୀୟ, ପୋଷାକ ପରିପାଟୀ ସ୍ୱତନ୍ତ୍ର ଓ ମନମୁଗ୍ଧକର। କାରଣ ଆମେ ପାଳନ କରୁଥିବା ସମସ୍ତ ପର୍ବପର୍ବାଣୀ ଗୁଡିକରେ ଦେବଦେବୀ ମାନଙ୍କୁ ପୂଜା ଅର୍ଚ୍ଚନା କରୁଥିବା ବେଳେ ରଜପର୍ବ ଏହାର ବ୍ୟତିକ୍ରମ। ଏହି ପର୍ବକୁ ମାଟି ମା'ର ବିଶ୍ରାମ ପର୍ବ ବୋଲି ମଧ୍ୟ ଲୋକେ ମାନିଥାନ୍ତି। ବିଶେଷ ଭାବେ ଏହି ପର୍ବ ଯୁବପିଢ଼ି, ଝିଅ ବୋହୂ, ଓ ପିଲା ମାନଙ୍କର ମୁଖ୍ୟ ଆକର୍ଷଣର ଉତ୍ସବ ହୋଇଥାଏ। ମାଁ ବସୁଧାଙ୍କ ପୂଜା ହେଉ ଥିବାରୁ କୃଷକ ମାନେ ଏହି ଦିନ ସମ୍ପୂର୍ଣ୍ଣ ବିଶ୍ରାମ ସହିତ ମଉଜ ମଜଲିସରେ ମାତିଥାନ୍ତି। ପୂର୍ବେ ରଜ ଉତ୍ସବ ସମୟରେ ଗାଁ ଦାଣ୍ଡରେ ପୁଅ ପିଲାମାନେ କବାଡି, ତାସ, ପଶା, ଲଡୁ ଖେଳରେ ମଜି ରହୁଥିବା ବେଳେ ଏହି ସମୟରେ ଝିଅ ବୋହୂମାନେ ନୂତନ ବସ୍ତ୍ର ପରିଧାନ କରି ତାସ, ଲଡୁ, ପୁଚି ଇତ୍ୟାଦି ଖେଳିବା, ଦଳ ଦଳ ହୋଇ ବାନ୍ଧବୀଙ୍କ ସହ ଭେଟିବା ଏକ ଗ୍ରାମ୍ୟ ପରିବେଶକୁ ଚିତ୍ତାକର୍ଷକ କରିଥାଏ। ଗାଁ ମଧ୍ୟରେ ଥିବା ଛୋଟ ବଡ ବୃକ୍ଷ ମାନଙ୍କରେ ଦୋଳି ବାନ୍ଧି ଦଳ ଦଳ ହୋଇ ରଜଗୀତ "ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଘେନି ନୂଆ ସଜବାଳ... ଇତ୍ୟାଦି ବିଭିନ୍ନ ଲୋକଗୀତ ର ସ୍ୱର, ପରିବେଶକୁ ରସମୟ କରିଥାଏ। ସମସ୍ତଙ୍କ ଘରେ ହୋଇଥିବା ଖିରି, ପିଠା ସାହି ପଡ଼ିଶାରେ ପରସ୍ପରକୁ ବଣ୍ଟନ, ଗାଁ ଗହଳିର ନିଆରା ଭାବ ପ୍ରତିକୁ ଉଜ୍ଜିବିତ କରେ। ସମୟର ବିବର୍ତ୍ତନରେ କେତେକ ସ୍ଥାନରେ ଯୁବ ଗୋଷ୍ଠୀ ଏହି ପର୍ବକୁ ବଣଭୋଜି ଭାବେ ଆନନ୍ଦର ମାଧ୍ୟମ କରିଛନ୍ତି। ଯାହା ବି ହେଉ ଏହି ପର୍ବ ଓଡିଆ ସଂସ୍କୃତି ପରମ୍ପରାର ଏକ ନିଛକ ପ୍ରତିଛବି କହିଲେ ଅତ୍ୟୁକ୍ତି ହେବନାହିଁ। ଅଧୁନା ଆଧୁନିକତାର ଛାପରେ ଧିରେ ଧିରେ ରଜ ପର୍ବ ପୂର୍ବ ପରମ୍ପରା ଓ ମୌଳିକତା ହରେଇବାକୁ ବସିଲାଣି। ଦେଖେଇ ହବାର ସ୍ୱର୍ଦ୍ଧା ଓ ପାଶ୍ଚାତ୍ୟ ସଭ୍ୟତା ର ଅନୁକରଣରେ ଓଡିଆ ସଂସ୍କୃତି ପରମ୍ପରା ବହୁ ମାତ୍ରାରେ ସୀମାବଦ୍ଧ ରହୁଛି। ବିକାଶ, ପ୍ରଗତି ନାଁରେ ପୁରାତନ ନିଆରା ପରମ୍ପରା, ସଂସ୍କୃତି ଓ ଓଡ଼ିଆ ଅସ୍ମିତା ଜନ ମାନସରୁ ବିଲୁପ୍ତ ହେବାରେ ଲାଗିଛି। ଆଜିର ସମାଜ ଆଧୁନିକ ଉଗ୍ର ସଂସ୍କୃତିକୁ ଅଧିକ ମାତ୍ରାରେ ଆପଣେଇ ନେଉଥିବାରୁ ଆମ ଉତ୍କଳୀୟ ସଂସ୍କୃତି ପରମ୍ପରା କେବଳ ପର ପିଢ଼ି ପାଇଁ ପାଠ୍ୟ ପୁସ୍ତକରେ ଚିହ୍ନିତ ହେଉଛି। ଉତ୍ତର ଓଡ଼ିଶାରେ ରଜ ପର୍ବ କହିଲେ କେତେକ ସ୍ଥାନରେ ପିଲାଙ୍କ ଦ୍ୱାରା କାଁ ଭାଁ ପଟା ଦୋଳି ଖଞ୍ଜିବା ଓ ମାଂସ ଭାତ ଓ ଭୋଜିର ଆସର ପରିଲକ୍ଷିତ ହେଉଛି। ଉତ୍କଳୀୟଙ୍କ ୧୨ ମାସରେ ହେଉଥିବା ୧୩ ପର୍ବର ପୂର୍ବ ଉତ୍ସାହ ଆଉ ଦେଖିବାକୁ ମିଳୁ ନାହିଁ। ଓଡିଆ ମାନଙ୍କର ମୁଖ୍ୟ ଆକର୍ଷଣର ପର୍ବ ପର୍ବାଣୀ ରଜ ଉତ୍ସବର ପୂର୍ବ ମହକ କମି ଆସୁଥିବା ଭଳି ପ୍ରତିୟମାନ ହେଉଛି। ଖରାଟିଆ ହଳ ସାଙ୍ଗକୁ କ୍ଷେତରେ ପୋଡ଼ ଖାଇଥିବା ମାଟିରେ, ବର୍ଷାର ପ୍ରଥମ ଛିଟାର ମାଟିର ଅପୂର୍ବ ମହକ ଆଉ ନାହିଁ। ଅଛି କେବଳ ବିଷ ବଳୟ ମଧ୍ୟରେ ଜମିରେ ପୋଡା ଯାଇଥିବା ଗଦା ଗଦା ପାଉଁଶ ଓ ଅସଂଖ୍ୟ ଯାବତୀୟ ଅନାବନା ତୃଣ। ତଥାପି ଓଡିଆ ମାନେ ଏହି ପର୍ବକୁ ଉତ୍ସାହ ଉଦ୍ଦୀପନାର ସହିତ ୪ ଦିନ ଧରି ପାଳନ କରିଥାନ୍ତି। ଆଷାଢ ମାସର ସଂକ୍ରାନ୍ତି ଆଗ ଦିନ ଠାରୁ ରଜପର୍ବ ପାଳନ କରା ଯାଇଥାଏ। ପ୍ରଥମ ଦିବସକୁ ପହିଲି ରଜ, ଦ୍ୱିତୀୟ ଦିବସକୁ ରଜ ସଂକ୍ରାନ୍ତି, ତୃତୀୟ ଦିବସକୁ ଭୂମୀ ଦହନ ଦିବସ ଓ ଚତୁର୍ଥ ଦିବସକୁ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ ଦିବସ ଭାବରେ ପାଳନ କରା ଯାଇଥାଏ। ଏହି ସମୟରେ ଘରେ ଘରେ ବିଭିନ୍ନ ପ୍ରକାର ପୋଡ଼ା ପିଠା ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହେବା ସହ ଖେଳ କୁଦରେ ପୁରପଲ୍ଲୀ ଦୋହଲି ଉଠୁଥିଲା। କିନ୍ତୁ କେତେକ ସଂସ୍କୃତି ପ୍ରେମୀ ଓଡ଼ିଆ ଭାଷା ସଂସ୍କୃତିର ପୃଷ୍ଠପୋଷକ ବିଭିନ୍ନ ସ୍ଥାନରେ ରଜ ଉତ୍ସବକୁ ଧୁମଧାମରେ ପାଳନ କରୁଛନ୍ତି। ଜଳେଶ୍ୱର ଅଞ୍ଚଳରେ ବିଶେଷତଃ ରଜପର୍ବ ୨ ଦିନ ଧରି ପାଳିତ ହୋଇଥାଏ। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ରଜ କୁଇନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥାଏ। ପ୍ରତିଯୋଗିତାରେ ରଜ ସଂକ୍ରାନ୍ତି, ପର୍ବ ସମ୍ପର୍କିତ ତଥ୍ୟ, ଲୋକ କଳା, ଲୋକ ସଂଗୀତ ଓ ବେଶ ଭୂଷା ସମ୍ବନ୍ଧରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଜଳେଶ୍ୱର ନୃତ୍ୟ ଶିକ୍ଷା ଫାଉଣ୍ଡେସନ ପକ୍ଷରୁ ୧୫/୧୬ ତାରିଖ ସନ୍ଧ୍ୟାରେ ରଙ୍ଗାରଙ୍ଗ କିଶୋର କିଶୋରୀଙ୍କ ଦ୍ୱାରା ନୃତ୍ୟ, ସଂଗୀତ, ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭବିଷ୍ୟତ ପିଢ଼ି ଲାଗି ଓଡ଼ିଶା ସଂସ୍କୃତିର ଏହି ଅନନ୍ୟ ଉତ୍ସବର ଧାରାକୁ ବଞ୍ଚେଇ ରଖିବା ପାଇଁ ସମସ୍ତଙ୍କ ଯତ୍ନବାନ ହେବା ଏକାନ୍ତ ଆବଶ୍ୟକ।

**ଉତ୍ସବର ଧାରାକୁ ବଞ୍ଚାଇ ରଖିବା ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ**



## କଣ୍ଡରାରେ ଚବିଶପ୍ରହର ନାମଯଜ୍ଞ



**ନାରଦପୁର,୧୦।୬(ସମିସ):** ଚମ୍ପୁଆ ଉପଖଣ୍ଡ ଯୋଡ଼ା ବ୍ଲକ ଅଧୀନ କଣ୍ଡରା ଗ୍ରାମରେ ଚବିଶପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏନେଇ ଗ୍ରାମବାସୀ ସ୍ଥାନୀୟ ବୈତରଣୀ ନଦୀରୁ କଳସ ଶୋଭାଯାତ୍ରା କରି ଘଟ ସ୍ଥାପନା ପରେ ନାମଯଜ୍ଞ ଆରମ୍ଭ କରାଯାଇଛି। ପୂଜକ ଅନା ବ୍ରହ୍ମା ଓ ଗୋବର୍ଦ୍ଧନ ଦାସ ରିତିନିତୀ ଅନୁଯାୟୀ ପୂଜାର୍ଚ୍ଚନା କରୁଥିବାବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି। ରାଇକଳା ଝୁମ୍ପୁରା, ବାୟାକୁମୁଟିଆ ଗୋନାସିକା, ଲୁଙ୍ଗା ସାହାରପଡା, ଖଡିପାହାଡି ବାରିପଦା, ପଣ୍ଡାସୋଳ ମୟୂରଭଞ୍ଜ ଅଞ୍ଚଳର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମକୁ ପୂର୍ବତନ ଯୋଡା ବ୍ଲକ ଅଧ୍ୟକ୍ଷ ଗିରିଧାରୀ ନାଏକ, କବି ନାଏକ, ରବି ନାଏକ, ବିଶିକେଷନ ନାଏକ, ବିରେନ ନାଏକ, ପିତାମ୍ବର ନାଏକ, ରମେଶ ନାଏକ, ଅନାଦି ଦେହୁରୀ ପ୍ରମୁଖ ପରିଚାଳନା କରୁଛନ୍ତି।

## ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ସୋସୋ,୧୦।୬(ସମିସ):** ହାଟଡ଼ିହି ପଞ୍ଚାୟତ ସମିତି ପକ୍ଷରୁ ନବ ନିର୍ବାଚିତ ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ୍‌ର ବୈଠକ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାଶ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିମ୍ବାଧର ବିଶ୍ୱାଳ ଓ କୌଶଲ୍ୟା ସେଠୀ, ଏଇଇ ଜ୍ଞାନେନ୍ଦ୍ର ଜେନା, ସରପଞ୍ଚ ତଥା ସରପଞ୍ଚ ସଂଘର ସଭାପତି ଚିନ୍ମୟ ନାୟକ, ସରପଞ୍ଚ ଓ ସମିତି ସଭ୍ୟଙ୍କ ଉପସ୍ଥିତିରେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମୟରେ ବ୍ଲକର ବରିଷ୍ଠ କିରାଣି ଶବ୍ରଣ କୁମାର ପରିଡ଼ା, ହରକୃଷ୍ଣ ପ୍ରଧାନଙ୍କ ସମେତ ବ୍ଲକର ବହୁ କର୍ମଚାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ଲୋ-ଭୋଲଟେଜ୍ ଓ ବିଦ୍ୟୁତ୍ କାଟ୍ ସମସ୍ୟାର ସମାଧାନ ଦାବି

**ଚମ୍ପୁଆ,୧୦।୬(ସମିସ):** ଚମ୍ପୁଆ ଅଞ୍ଚଳରେ ଅସହ୍ୟତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ଲୋ-ଭୋଲଟେଜ ଓ ବିଦ୍ୟୁତ୍ କାଟ ସମସ୍ୟା ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଗ୍ରାମାଞ୍ଚଳରେ ଘରେ ବ୍ୟବହାର ହେଉଥିବା ଫ୍ୟାନ ଲୋ-ଭୋଲଟେଜ୍ ପାଇଁ ସଠିକ୍ ଭାବେ ବୁଲୁ ନାହିଁ। ଉପଭୋକ୍ତା ସନ୍ଧ୍ୟା ପରେ ଘର ବାହାରେ କିମ୍ବା ଛାତ ଉପରେ ଦୀର୍ଘ ସମୟ କାଟିବାକୁ ବାଧ ହେଉଛନ୍ତି। ଛୋଟପିଲା, ବୟସ୍କ ବ୍ୟକ୍ତି, ଛାତ୍ରଛାତ୍ରୀ ଓ ରୋଗୀମାନେ ଏଭଳି ପରିସ୍ଥିତିରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରି ନ ଥିଲା। ବିଦ୍ୟୁତ କାଟ୍ ଓ ଲୋ-ଭୋଲଟେଜ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଆନନ୍ଦପୁର,୧୦।୬(ସମିସ):** ସୁକିନ୍ଦା ଅଞ୍ଚଳର ମହାମାୟୀ ଉଚ୍ଚବିଦ୍ୟାଳୟରୁ ଅବସରଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁଙ୍କୁ ନିଜ ଗ୍ରାମ ଧକୋଠା ଠାରେ ସ୍ଥାନୀୟ ଯୁବକ ସଂଘ ସଭାଗୃହରେ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ଉପ ସମ୍ପାଦକ ଭରତ ସାହୁଙ୍କ ସଂଯୋଜନାରେ ସଂଘର କର୍ମକର୍ତ୍ତା ପଦ୍ମଲୋଚନ ସାହୁ, ଶତ୍ରୁଘ୍ନ ସାହୁ, ରମେଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଜଗନ୍ନାଥ ସାହୁ, ତ୍ରିଲୋଚନ ସାହୁ, ଯୁବରାଜ ସାହୁ, ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁକିନ୍ଦାର ଦାମୋଦରପୁର ମଙ୍ଗଳପୁର ଗ୍ରାମର ଉକ୍ତ ଉଚ୍ଚବିଦ୍ୟାଳୟର ପରିଚାଳନା ସ୍ୱେଚ୍ଛାସେବୀ ଛବୀନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧପନ୍ତରିଆ ଜାତୀୟ ରାଜପଥ

# ସୁଧୁରୁନି ଦୁର୍ଘଟଣା ଜନିତ ସମସ୍ୟା

ଆନନ୍ଦପୁର,୧୦।୬(ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଦେଇ ଯାଇଥିବା ୨୦ ନଂ. ଜାତୀୟ ରାଜପଥର ଶାଳପଡ଼ାଠାରୁ ବେଲବାହାଳି ପର୍ଯ୍ୟନ୍ତ ଅଧପନ୍ତରିଆ ହୋଇପଡିରହିଛି। ଫଳରେ ପ୍ରାୟ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟି ଧନଜୀବନ ହାନୀ ହେଉଛି। ଏହାକୁ ନେଇ କୌଣସି ପ୍ରଶାସନ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ନଦେବା କାରଣରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଖପରାଖାଇସ୍ଥିତ ଭିଆଇପି ରୋଡ ଛକ ଠାରୁ ବାରିଗାଁ ପର୍ଯ୍ୟନ୍ତ ଦୀର୍ଘ ୨ କିମି ଧରି ଜାତୀୟ ରାଜପଥରେ ରହିଛି ଅଧପନ୍ତରିଆ ଅଣ୍ଡରପାସ୍ ଏବଂ ଏକ ପାଖିଆ ରାସ୍ତା ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବା ଦେଖାଯାଇଛି। ଏପରିକି ଏହି ଅଞ୍ଚଳଟି ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବେ ବେଶ ଚର୍ଚ୍ଚିତ ସ୍ଥାନ ପାଲଟିଛି। ଜାତୀୟ ରାଜପଥର ଏକପାଖିଆ ରାସ୍ତା ପାଇଁ ଶାଳପଡା ବାଇପାସ୍ ଛକ ଠାରେ ଟ୍ରାଫିକ୍ ସମସ୍ୟା ଅସହ୍ୟ ହେବାରେ ଲାଗିଛି। କରଞ୍ଜିଆ ହେଉ ଅବା ଭଦ୍ରକ ଅଭିମୁଖେ ଯାତାୟାତ ପାଇଁ ଶାଳପଡା ବାଇପାସ୍ ଛକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେବେ ଏଠାରେ ନିୟମିତ ଭାବେ ଟ୍ରାଫିକ୍ ସମସ୍ୟା ଯାତ୍ରୀମାନଙ୍କୁ ବହୁଳ ଭାବେ ପ୍ରଭାବିତ କରୁଥିବା ଦେଖାଯାଇଛି। ଜାତୀୟ ରାଜପଥ ଅଧପନ୍ତରିଆ ସହିତ ଉଭୟ ପାର୍ଶ୍ୱର ସର୍ଭିସ୍ ରୋଡ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିବା ଗମନାଗମନର ବିକଳ ଚିତ୍ରକୁ ପଦାରେ ପକାଇଛି। ଜାତୀୟ ରାଜପଥରେ ଲାଗିରହିଥିବା ଏହି ସମସ୍ୟାର ସମାଧାନ ନିମନ୍ତେ ଅନେକ ସମୟରେ ସାଧାରଣ ଲୋକେ ରାଜ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଆସୁଥିଲେ ସୁଦ୍ଧା ନା ପ୍ରଶାସନିକ ସ୍ତରରେ ନା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉଛି। ଦୈନିକ ହଜାର ହଜାର ସଂଖ୍ୟାରେ ଭାରିଯାନ ଦ୍ୱାରା କେନ୍ଦୁଝର ଠାରୁ ଲୁହାପଥର ବୋଝେଇ ଯାନାବାହନ ଗୁଡିକ ଏହି ଜାତୀୟ ରାଜପଥ ଉପରେ ଯାତାୟାତ କରୁଥିବା ସତ୍ତ୍ୱେ କାହିଁକି କେଉଁ ପରିସ୍ଥିତିରେ ସରକାରୀ ସ୍ତରରେ ସମସ୍ୟାର ସମାଧାନ ନିମନ୍ତେ ଅବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନି ତାହା ଚିନ୍ତାର ବିଷୟ ପାଲଟିଛି। ଏପରିକି ଖପରାଖାଇ ଭିଆଇପି ରୋଡ ଛକ ଠାରୁ ବାରିଗାଁ ଯାଏ ଜାତୀୟ ରାଜପଥର ଏହି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯାହା ବି ଦୁର୍ଘଟଣା ଘଟିଛି କେବେଳ ମାତ୍ର ଭାରୀଯାନ ପାଇଁ ହିଁ ହୋଇଛି। କେନ୍ଦୁଝର ଜିଲ୍ଲାରୁ ଦୈନିକ ହଜାର ହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଗାଡି ପରିବହନ ଦାୟିତ୍ୱରେ ନିୟୋଜିତ ଥିବାବେଳେ କେନ୍ଦୁଝରର ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନପାରିବା ପରିତାପର ବିଷୟ ପାଲଟିଛି। ଏହି ଅସଜଡା ରାସ୍ତା ପାଇଁ ଗୋଟିଏ ବର୍ଷରେ ଦୁର୍ଘଟଣାର ଶିକାର ହୋଇ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅପାରଗତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି।

## ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ସାଂସଦଙ୍କୁ ଦାବି

ଆନନ୍ଦପୁର,୧୦।୬(ସମିସ): କେନ୍ଦୁଝରରୁ ସାଂସଦ ଭାବେ ଅନନ୍ତ ନାୟକ ନବନିର୍ବାଚିତ ହେବା ପରେ ଆନନ୍ଦପୁରକୁ ରେଳ ସଂଯୋଗ ଆଶା ସଂଚାରିତ ହୋଇଛି। ଦୀର୍ଘଦିନ ଧରି ହୋଇଆସୁଥିବା ଏହି ଦାବିକୁ ସମର୍ଥନ ଜଣାଇ ଶ୍ରୀ ନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଦାବିକୁ ଦୋହରାଇ ଆସୁଥିବାରୁ ଏବେ ଲୋକସଭାରେ ଏହାକୁ ଉପସ୍ଥାପନ କରିବା ପାଇଁ ସୁଯୋଗ ମିଳିଥିବାରୁ ଆନନ୍ଦପୁର ଉପଖଣ୍ଡ ଅଧିବାସୀ ରେଳସଂଯୋଗ ନେଇ ବେଶ୍ ଆଶାବାଦୀ। ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ଗତ ୧୨ବର୍ଷ ହେଲା ବାରିଗାଁ ମା' ଧନେଇ ସେବା ସଂଘ, ଆନନ୍ଦପୁର ବିକାଶ ପରିଷଦ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଜାରି ହୋଇଛି। ଆନନ୍ଦପୁରରେ ବିକ୍ଷୋଭ, ମାନବଶୃଙ୍ଖଳ ଆନ୍ଦୋଳନ ସହ ଭୁବନେଶ୍ୱରରେ ମଧ୍ୟ ଗଣଧାରଣା କରାଯାଇ ପ୍ରତିବାଦ କରାଯାଇଥିଲା। ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବି ସ୍ଥାନୀୟ ଜନସାଧାରଣଙ୍କ ଭାବାବେଗ ସହିତ ଜଡିତ ହୋଇଛି। ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ରେଳପଥ ସଂପ୍ରସାରଣ ସହ ଆନନ୍ଦପୁର ଉପଖଣ୍ଡ ଓ ଘଟଗାଁ ମା' ତାରିଣୀଙ୍କ ପୀଠକୁ ରେଳପଥ ସଂଯୋଗ ହେବା ନେଇ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇଉଠିଛନ୍ତି। ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପାଇଁ ସେ ନିଶ୍ଚିତ ଉଦ୍ୟମ କରିବେ ଓ ଆଗାମୀ ୫ ବର୍ଷ ମଧ୍ୟରେ ଏହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ସାଂସଦ ଅନନ୍ତ ନାୟକ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। କେନ୍ଦୁଝର ଜିଲ୍ଲାରେ ମୋଟ ୧୬୪.୮୨ କିମି ରେଳପଥ ରହିଛି। ଜିଲ୍ଲାରେ ବହୁବର୍ଷ ପରେ ଦୈତାରୀ-ବାଂଶପାଣି ରେଳପଥ ନିର୍ମାଣ ହୋଇଥିବା ବେଳେ ୨୦୦୬ରେ ପ୍ରଥମ ଥର ପାଇଁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ଏହି ରେଳପଥ କେନ୍ଦୁଝର ଓ ଚମ୍ପୁଆ ଉପଖଣ୍ଡ ଦେଇ ଅତିକ୍ରମ କରିଥିବା ବେଳେ ଆନନ୍ଦପୁରର ଜନସାଧାରଣ ଏହି ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଆନନ୍ଦପୁର ଉପଖଣ୍ଡର ଜନସାଧାରଣ ରେଳ ସେବା ପାଇଁ ଯାଜପୁର –କେନ୍ଦୁଝର ରୋଡ ନଚେତ ଭଦ୍ରକ ରେଳଷ୍ଟେସନ ଉପରେ ନିର୍ଭର କରିଥାନ୍ତି। ୨୦୦୫ରେ ଯାଜପୁର କେନ୍ଦୁଝର ରୋଡ ଷ୍ଟେସନରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲା ବାଦାମ ପାହାଡକୁ ରେଳପଥ ସଂଯୋଗ ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ରେଳପଥ ନିର୍ମାଣ ହେଲେ ଭୁବନେଶ୍ୱରରୁ ନୂଆଦିଲୀକୁ ୨୦୦ କିମି ରାସ୍ତା ହ୍ରାସ ପାଇବ ବୋଲି ଦାବିପତ୍ରରେ ଉଲେଖ କରାଯାଇଥିଲା। ଏହାଛଡା ଭଦ୍ରକରୁ ଭାୟା, ଆନନ୍ଦପୁର, ଘଟଗାଁ ଦେଇ ସୀତାବିଞ୍ଜି ଷ୍ଟେସନକୁ ରେଳପଥ ସଂଯୋଗ ପାଇଁ ମଧ୍ୟ ଦାବି କରାଯାଇଥିଲା। ୨୦୧୩-୧୪ ଆର୍ଥିକ ବର୍ଷରେ ଯାଜପୁର କେନ୍ଦୁଝର ରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲାର ଯଶୀପୁରକୁ ରେଳପଥ ସଂଯୋଗ ପାଇଁ ରେଳବାଇ ନିକଟରୁ ପ୍ରସ୍ତାବ ଆସିଥିଲା। ସଂପୃକ୍ତ ଜିଲାର ଜିଲ୍ଲାପାଳଙ୍କୁ ଏନେଇ ରିପୋର୍ଟ ମଗାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ପ୍ରସ୍ତାବ ନାଲିଫିତା ତଳେ ଚାପି ହୋଇ ରହିଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହିପରି କେନ୍ଦୁଝର ଜିଲାର ଟାଙ୍ଗିରିଆପାଳ ଷ୍ଟେସନରୁ ଆନନ୍ଦପୁର ଦେଇ ଭଦ୍ରକ ଓ ଧାମରା ବନ୍ଦରକୁ ରେଳପଥ ସଂଯୋଗ କରାଗଲେ ଉଭୟ ବ୍ୟବସାୟିକ ଓ ଯାତ୍ରୀ ପରିବହନ କ୍ଷେତ୍ରରେ ସୁବିଧା ହେବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଏ ଦିଗରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏନେଇ ଆନନ୍ଦପୁର ବିକାଶ ପରିଷଦ ସଭାପତି ରମାକାନ୍ତ ନାୟକ ସାଂସଦ ଶ୍ରୀ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଆନନ୍ଦପୁର ଜନସାଧାରଣଙ୍କ ବହୁଦିନର ଦାବି ପ୍ରତି ସେ ସଚେତନ ଅଛନ୍ତି ଓ ଏହା ପୁରଣ କରାଯିବ ବୋଲି ନବନିର୍ବାଚିତ ସାଂସଦ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

## ବିର୍ସାମୁଣ୍ଡାଙ୍କ ପୁଣ୍ୟତିଥି ପାଳିତ



**ଚମ୍ପୁଆ,୧୦।୬(ସମିସ):** ଚମ୍ପୁଆ ବ୍ଲକ କୋଦାଗାଡ଼ିଆ ପଞ୍ଚାୟତର ଚିମିଳାରେ ହୋ ସମାଜ ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ଷା ମୁଣ୍ଡାଙ୍କର ୧୨୪ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ଚିମିଳା ଗ୍ରାମର ୱାର୍ଡ ମେମ୍ବର ବିରବର ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଗେନ ସାକାମ ଆଦିବାସୀ ସାମାଜିକ ସଂଘ ଏବଂ ଆଦିବାସୀ ହୋ ସମାଜ ମହାସଭା ଆନୁକୂଲ୍ୟରେ ପାଳିତ କାର୍ଯ୍ୟକ୍ରମରେ ଆଦିବାସୀ ହୋ ସମାଜ ମହାସଭା କେନ୍ଦୁଝର ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା ଯୋଗଦେଇ ବିର୍ଷାମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ବିର୍ସାମୁଣ୍ଡାଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିବା ସହ ଏହି ମହାନ ବିପ୍ଳବି ତଥା ସ୍ୱାଧୀନତା ସଂଗ୍ରାମିଙ୍କ ବଳିଦାନ ଓ ଧର୍ଯ୍ୟ ପାଇଁ ସେ ଆମ ପାଖରେ ସବୁଦିନ ପାଇଁ ଅମର ହୋଇ ରହିବେ ବୋଲି ଶ୍ରୀ ମୁଣ୍ଡା କହିଥିଲେ। ଏହା ସହିତ ସଂଗଠିତ ହୋଇ ଅନ୍ୟାୟ ଅତ୍ୟାଚରର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ଏହି ସ୍ୱାଧୀନତା ସଂଗ୍ରାମୀ ଦେଶପ୍ରେମ, ଅଦ୍ୟମ ସାହାସ ତଥା ଦେଶ ମାତୃକା ପାଇଁ ବଳିଦାନ ଆଜି ସମସ୍ତଙ୍କ ହୃଦୟରେ ସ୍ଥାନ ପାଇପାରିଛି। ଏହି ଅବସରରେ ବିଶିଷ୍ଟ ବୁଦ୍ଧିଜୀବୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିନୋଦ ହାଇବୁରୁ, ବିରବର ମୁଣ୍ଡା, ଦାସ ମୁଣ୍ଡା, ଅଜୟ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିବାବେଳେ ଶତାଧିକ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରୁଷ ଯୋଗଦେଇ ଥିଲେ।

## ସାମନ୍ତରାୟପୁର ଶୈବପୀଠରେ ଶିବପାର୍ବତୀଙ୍କ ବିବାହ

**କେନ୍ଦୁଝର,୧୦।୬(ସମିସ):** କେନ୍ଦୁଝର ସହରର ସାମନ୍ତରାୟପୁରସ୍ଥିତ ବାଣେଶ୍ୱର ଶୈବପୀଠରେ ଦେବଦମ୍ପତି ଶିବପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଛି। ପାରମ୍ପରିକ ରିତିନୀତି ଅନୁସାରେ ଏହି ଶିବବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ବରପିତା ଭାବରେ ବିଶିଷ୍ଟ ଔଷଧ ବ୍ୟବସାୟୀ ତନ୍ମୟ ମହାନ୍ତି ଓ ମାତା ଭାବରେ ସୋନାଲି ଦାସ ପୂଜା କାର୍ଯ୍ୟ ତୁଲାଇ ଥିବାବେଳେ କନ୍ୟାପିତା ଭାବରେ ବରିଷ୍ଠ ବୁଦ୍ଧିଜୀବୀ ଆଲୋକ ମିଶ୍ର ଓ ତାଙ୍କର ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ମିଶ୍ର ଦାୟିତ୍ୱ ସମ୍ପାଦନ କରିଥିଲେ। ଗ୍ରାମର ବରିଷ୍ଠ ନାଗରିକ ମୋହିନି ମୋହନ ମିଶ୍ର, ଭକ୍ତବନ୍ଧୁ ମିଶ୍ର, ନାରାୟଣ କର, ଅଶୋକ ମିଶ୍ର, ମନୋଜ ମିଶ୍ର, ପ୍ରଣବ ଦାଶ, ପ୍ରମୋଦ ଦାଶ, ଶାଶ୍ୱତ ମିଶ୍ର, ସ୍ୱାଗତ ମିଶ୍ର, ଜଗତପତି ନନ୍ଦ, ଶରତ ବେହେରା, ଯଦୁମଣୀ ଦ୍ୱିବେଦୀ ପ୍ରମୁଖ ପୂଜାକାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଦି ପିତା ଶିବ ଏବଂ ଆଦିମାତା ପାର୍ବତୀ ଦେବୀଙ୍କ ସହ ବୈଦିକ ରୀତିରେ ଶୁଭବିବାହ କାର୍ଯ୍ୟକ୍ରମ ଦେଖିବା ପାଇଁ ଅନେକ ଭକ୍ତ ଏକାଠି ହୋଇଥିଲେ। ଦେବଦମ୍ପତିଙ୍କର ବିବାହ ପରେ ଏକ ବିଶାଳ ପଟୁଆର ସହର ପରିକ୍ରମା କରିବା ସହିତ କନ୍ୟାନିବାସ ତରଫରୁ ବରଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ସେଠାରେ ବୈଦିକରୀତି ମତେ ଶିବପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା।



## ଗ୍ରୀଷ୍ମକାଳୀନ ଶିଶୁ ଶିବିର ଉଦ୍‌ଯାପିତ

କେନ୍ଦୁଝର,୧୦।୬(ସମିସ)




ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦୁଝର ଶାଖାତରଫରୁ ସ୍ଥାନୀୟ ପୁରୁଣାବଜାରସ୍ଥିତ ନବନିର୍ମିତ ସୁଖଶାନ୍ତି ସରୋବର ପ୍ରାଙ୍ଗଣରେ ଜୁନ୍ ୭ ତାରିଖ ଶୁକ୍ରବାରଠାରୁ ଆୟୋଜିତ ଗ୍ରୀଷ୍ମକାଳୀନ ଶିଶୁ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ମୋଟ ୮୩ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ପ୍ରଥମ ଦିବସରେ ନୈତିକ, ବୌଦ୍ଧିକ ତଥା ମାନସିକ ବିକାଶ କରିବା ସଂଗେ ସଂଗେ ବିଭିନ୍ନ ପ୍ରକାର ପ୍ରତିଯୋଗିତା, ଟିମ୍ ବିଲଡିଂ ଆକ୍ଟିଭିଟି ତଥା ମନୋରଞ୍ଜନ ଖେଳରେ ଅଂଶଗ୍ରହଣ କରିଥିଲେ। ନୃତ୍ୟ, ସଂଗୀତ, ଚିତ୍ରକଳା, ପ୍ରବନ୍ଧ, କୁଇଜ ଆଦି ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଖୁବ୍ ସୁନ୍ଦର ବିଶେଷତା ପ୍ରଦର୍ଶନ କରିଥିଲେ। ବ୍ରହ୍ମାକୁମାରୀ ସଂସ୍ଥାର ବରିଷ୍ଠ ଭାଇ ଭଉଣୀମାନଙ୍କ ମଧ୍ୟରେ ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ, ବ୍ରହ୍ମାକୁମାରୀ ଜୟନ୍ତୀ (ବଡ଼ବିଲ), ବ୍ରହ୍ମାକୁମାରୀ ମିନତୀ, ବ୍ରହ୍ମାକୁମାରୀ ପ୍ରତିଭା, ବ୍ରହ୍ମାକୁମାରୀ ଜୟନ୍ତୀ (ପ୍ରଧାନଶିକ୍ଷୟିତ୍ରୀ, ମୁକୁନ୍ଦା ହାଇସ୍କୁଲ), ବ୍ରହ୍ମାକୁମାର କୁଳମଣି, କୃତିବାସ ଓ ଝରିଲାଲ ପ୍ରମୁଖ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କାହାଣୀ, ଗୀତ ଓ ନାଚ ମାଧ୍ୟମରେ ନୈତିକ ମୂଲ୍ୟବୋଧ, ଉତ୍ତମ ଚରିତ୍ର ନିର୍ମାଣ ଏବଂ ରାଜଯୋଗ ଆଧାରରେ ଛାତ୍ର ଜୀବନରେ ଏକାଗ୍ରତାର ଧାରଣା ଶିଖାଇଥିଲେ। ରବିବାର ଶିବିରର ଅନ୍ତିମ ପର୍ଯ୍ୟାୟରେ ବ୍ରହ୍ମାକୁମାରୀ ବିନ୍ଦୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱେଚ୍ଛାସେବୀ ସଂଗଠନ ଓସ୍କାର ସମ୍ପାଦିକା ତଥା ସମାଜସେବୀ ଧରିତ୍ରୀ ରାଉତ ଯୋଗଦେଇ ପିଲାମାନଙ୍କୁ ଆଜ୍ଞାକାରୀ ହେବା, ବଡ଼ମାନଙ୍କୁ ସମ୍ମାନ ଦେବା, ଭଲ ଗୁଣ ଧାରଣ କରିବା, ମୋବାଇଲର ଅତିଶୟ ବ୍ୟବହାର ନ କରିବା ଓ ସର୍ବୋପରି ଜଣେ ଭଲ ମଣିଷ ହିସାବରେ ସମାଜରେ କିଭଳି ପ୍ରତିଷ୍ଠିତ ହୋଇପାରିବା ସେ ସମ୍ପର୍କରେ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ବିମଳ ରାଉତ ଯୋଗଦେଇ ଥିଲେ। ବ୍ରହ୍ମାକୁମାରୀ ଜୟନ୍ତୀ ସଭା ପରିଚାଳନା କରିଥିବାବେଳେ ବ୍ରହ୍ମକୁମାରୀ ମିନତୀ ଓ ଜୟନ୍ତୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମାକୁମାର କୁଳମଣି ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ପୁରସ୍କାର ବିତରଣ କରାଯାଇଥିଲା। ଏହି ତିନିଦିନିଆ ଶିଶୁ ଶିବିର ସଂସ୍ଥାର ସମସ୍ତ ଭାଇ ଭଉଣୀମାନଙ୍କ ମିଳିତ ସହଯୋଗକ୍ରମେ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ମାଟି ନମୁନା ସଂଗ୍ରହ କଲା କୃଷି ବିଭାଗ

**ଚମ୍ପୁଆ,୧୦।୬(ସମିସ):** ଚମ୍ପୁଆ କୃଷି ବିଭାଗ ପକ୍ଷରୁ ଚଳିତ ଖରିଫ ଓ ରବି ଋତୁ ପାଇଁ ଚାଷୀଙ୍କ ବିଲରୁ ମାଟି ନମୂନା ସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯାଇଛି। ଜମିର ଉର୍ବରତା ଏବଂ ମାଟିର ଖାଦ୍ୟ ସାର ସମ୍ବନ୍ଧୀୟ ସୂଚନା ସହିତ ମାଟିରେ କେତେ ଖାଦ୍ୟ ସାର ଅଛି ତାହା ପରଖାଯାଉଛି। ଆବଶ୍ୟକ ଅନୁଯାୟୀ ସାର ପ୍ରୟୋଗ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟ କରାଯାଉଥିବା ବ୍ଲକ କୃଷି ଅଧିକାରୀ ନୀଳମାଧବ ଦାସ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ସୁସ୍ଥ ମାଟି ଚାଷ ପାଇଁ ଅନୁକୂଳ ହୋଇଥାଏ। ଏହାର ପରୀକ୍ଷା ନିରୀକ୍ଷା କରାଯାଇ ଚାଷ କଲେ ଚାଷୀ ଲାଭବାନ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଚମ୍ପୁଆ କୃଷି ବିଭାଗର ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତର ଚାଷୀମାନଙ୍କର ଜମିରୁ ମାଟିସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯାଇଛି। ଚଳିତ ଖରିଫ ଓ ରବି ଋତୁରେ ୧୩ ଶହଟି ନମୂନା ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ନମୂନା ସଂଗ୍ରହ ଦ୍ୱାରା ମାଟିରେ ଥିବା ୧୨ ପ୍ରକାର ପାରାମିଟର ପରୀକ୍ଷା କରାଯିବ। ଚାଷୀମାନେ ଅନଲାଇନ ଫର୍ମ ପୂରଣ କରି ଏହି ନମୁନା ପ୍ରଦାନ କରିବାକୁ ଥିବା ବେଳେ ସଂଗୃହିତ ନମୁନାଗୁଡ଼ିକ ଜିଲ୍ଲା କାର୍ଯ୍ୟାଳୟକୁ ପଠାଯାଇ ପରୀକ୍ଷା କରାଯିବ। ପରୀକ୍ଷା ପରେ ଚାଷୀମାନଙ୍କୁ କାର୍ଡ ପ୍ରଦାନ କରାଯାଇ ଜମିର ଉର୍ବରତା ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରାଯିବ। ଏଥି ସହିତ ଜମିରେ କେଉଁ ସାର କେତେ ପରିମାଣରେ ଆବଶ୍ୟକ ସେ ବିଷୟରେ ଅବଗତ କରାଯିବ। ଏହି କାର୍ଯ୍ୟ କୃଷକ ସାଥୀ କୃଷି ଅଧିଦର୍ଶକମାନଙ୍କ ଦ୍ୱାରା କରାଯାଉଥିବା ବେଳେ କୃଷି ପରାମର୍ଶ ଅନୁଯାୟୀ ଚାଷୀଙ୍କୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।



# ଡାକ୍ତର ନିଯୁକ୍ତି ଦାବିରେ ମେଡିକାଲ୍‌ରେ ତାଲା





**କୁଆମରା, ୧୦।୬(ସମିସ)**

ଗୋପବନ୍ଧୁ ନଗର ବ୍ଲକ କୁଶଳଦା ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ସୋମବାର ଅଞ୍ଚଳବାସୀ ମେଡିକାଲରେ ତାଲା ପକାଇ ଦେଇଛନ୍ତି। ଫଳରେ ଆଜି ଦିନତମାମ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ଉକ୍ତ ଡାକ୍ତରଖାନା ଉପରେ କୁଶଳଦା, ଜୟପୁର, ରାଣୀବନ୍ଧ ଆଦି ପଞ୍ଚାୟତର ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭରଶୀଳ। ଗତ ୨୦୨୧ ମସିହାରେ ଡା. ନିର୍ମଳ କୁମାର ଦାସଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ମାତ୍ର ଶ୍ରୀ ଦାସଙ୍କ ସହିତ ଉକ୍ତ ଡାକ୍ତରଖାନାରେ ଆୟୁଷ ଡାକ୍ତର ଶୁଭଶ୍ରୀ ରାଉତଙ୍କ ବାରମ୍ବାର ମନାନ୍ତର ଘଟିବାରୁ ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ଡେପୁଟେସନ ପଠାଯାଇଥିଲା। ସେ ଆଜି ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରି ଆସୁଛନ୍ତି। ତେବେ ଦୀର୍ଘ ଦୁଇ ବର୍ଷ ଧରି ଏଠାରେ ସ୍ଥାୟୀ ଡାକ୍ତର ପଦ ଖାଲି ପଡ଼ିଛି। ଆୟୁଷ ଡାକ୍ତର ଶୁଭଶ୍ରୀ କାର୍ଯ୍ୟ ତୁଲାଇ ଆସୁଥିଲେ; ମାତ୍ର କିଛି ମାସ ହେବ ସେ କେତେକ କର୍ମଚାରୀଙ୍କ ସହିତ ଛୋଟ ଛୋଟ କଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥିଲେ। ତେବେ ଏହି ଘଟଣା ଉପରେ ମଧ କିଛି ମାସ ତଳେ ଉପରସ୍ଥ କର୍ମଚାରୀଙ୍କ ଦ୍ୱାରା ସମାଧାନ ହୋଇଥିଲା। ମାତ୍ର ଘଟଣା ପଦାରେ ନପ ଡି ଭିତରେ କୁହୁଳୁଥିଲା। ଶେଷରେ ଜଣେ ମହିଳା ସୁଇପରଙ୍କୁ ୧୦ କିମି ଦୂର କୁଆମରା ଡାକ୍ତରଖାନାକୁ ବଦଳି କରାଯାଇଥିଲା। ତେବେ ଡାକ୍ତର ଶୁଭଶ୍ରୀ ରୋଗୀଙ୍କ ଉପରେ ମଧ ଅନେକ ସମୟରେ ବିରକ୍ତି ଭାବ ଦେଖାଇ ଆସୁଥିବାରୁ ସଂଖ୍ୟା ଧୀରେ ଧୀରେ କମିଥିଲା ବୋଲି ଆଜି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତାଙ୍କୁ ଏଠାରୁ ତୁରନ୍ତ ବଦଳି କରାଯିବା ସହିତ ସ୍ଥାୟୀ ଡାକ୍ତର ନିଯୁକ୍ତି କରିବାକୁ ଆଜି ଦାବି କରି ସ୍ଥାନୀୟ ଲୋକେ ଡାକ୍ତରଖାନାରେ ତାଲା ପକାଇ ଦେଇଛନ୍ତି। ଖବର ପାଇ ଖୁଣ୍ଟା ମୁଖ୍ୟ ଡାକ୍ତରଖାନାରୁ ବିପିଏମ୍ ଅନୁଭବ ପଟ୍ଟନାୟକ ଓ ବ୍ଲକ ସମ୍ପ୍ରସାରଣ ଅଧିକାରୀ ସତ୍ୟଜିତ ଦାସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ଲୋକେ ନିଜ ଜିଦରେ ଅଟଳ ରହିବା ସହ ଉକ୍ତ ଦୁଇ ଜଣଙ୍କୁ ମଧ ଛାଡି ନଥିଲେ। ପୂର୍ବାହ୍ନ ୧୧ଟାରେ ଇନଚାର୍ଜ ଡଃ ସାକିଲା ମୁର୍ମୁ ପହଞ୍ଚି ଶ୍ରୀ ଦାସଙ୍କୁ ୨୪ ଘଣ୍ଟା ମଧ୍ୟରେ ନିଜ ସ୍ଥାନକୁ ଫେରାଇ ଆଣିବା ସହିତ ଆୟୁଷ ଡାକ୍ତରଙ୍କୁ ବଦଳି କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ହେଲେ ଡାକ୍ତରଖାନାରେ ତାଲା ଖୋଲି ନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଡାକ୍ତର ଶ୍ରୀ ଦାସ କାର୍ଯ୍ୟରେ ଯୋଗ ଦେବେ ବୋଲି ଇନଚାର୍ଜ କହିଛନ୍ତି। ନଚେତ୍ ଆନ୍ଦୋଳନକୁ ପୁଣି ଜୋରଦାର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଆୟୁଷ ଡାକ୍ତର ଶୁଭଶ୍ରୀ ରାଉତଙ୍କୁ ପଚାରିବାରୁ ଘଟଣା ଉପରେ କୌଣସି ସତ୍ୟତା ନାହିଁ। ଏହା ମୋ ବିରୋଧରେ ଏକ ଷଡଯନ୍ତ୍ର ବୋଲି କହିଛନ୍ତି।

### ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀଙ୍କ ମୃତ୍ୟୁ

## ଉତ୍ତେଜନା ପରେ ମିଳିଲା କ୍ଷତିପୂରଣ ପ୍ରତିଶ୍ରୁତି

**ଉଦଳା, ୧୦।୬(ସମିସ):** ରବିବାର ଉଦଳା ବିଦ୍ୟୁତ୍ ଡିଭିଜନ ଅଧୀନସ୍ଥ ଉଦଳା ସେକ୍ସନ୍ ଅଧୀନରେ ପୋଡାଡିହା ଭଣ୍ଡାରିପାଳଠାରେ ୧୧କେଭି ବିଦ୍ୟୁତ୍ ସରବରାହ ମରାମତି କରୁଥିବାବେଳେ ଜଣେ କର୍ମଚାରୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ରଞ୍ଜିତ ବେହେରା ଦୀର୍ଘ ଏକ ବର୍ଷ ଧରି ଉଦଳା ସେକ୍ସନ୍‌ରେ ହେଲପର ଭାବେ ଆକାଂକ୍ଷା ପାୱାର (ଏଜେନ୍ସି) ଅଧୀନରେ କାମ କରୁଥିଲେ। ଗତ ରବିବାର ପୋଡାଡିହା ୧୧ କେଭି ଫିଡରରେ ବିଦ୍ୟୁତ୍ ମରାମତି କାର୍ଯ୍ୟ କରିବା ସମୟରେ ବିଦ୍ୟୁତ୍ ଆଘାତରେ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ପରେ ଗ୍ରାମବାସୀ ଓ ସହଯୋଗୀଙ୍କ ସହାୟତାରେ ଉଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣ କରିଥିଲେ। ପରେ ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ଉଦଳା ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହିତ ନ୍ୟାୟ ଦାବି କରିଥିଲେ। ପରେ ଉଦଳା ଡିଭିଜନର ନିର୍ବାହୀ ଯନ୍ତ୍ରୀ ଥାନାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଆକାଂକ୍ଷା ଏଜେନ୍ସିର ପ୍ରୋଜେକ୍ଟ ମୁଖ୍ୟ ସୁଶିଲ ସାମଲଙ୍କ ସହ ଆଲୋଚନା କରି ସମସ୍ତଙ୍କ ଉପସ୍ଥିତିରେ ଶବଦାହ ପାଇଁ ୫୦ ହଜାର ଟଙ୍କା ତୁରନ୍ତ ପ୍ରଦାନ କରିଥିଲେ। ଏଥି ବୀମା ରାଶି ବାବଦକୁ ୭ ଦିନ ମଧ୍ୟରେ ୧୫ ଲକ୍ଷ ଟଙ୍କା, ମୃତ ରଞ୍ଜିତଙ୍କ ବାପାଙ୍କୁ ୨ ମାସ ମଧ୍ୟରେ ଚାକିରି ଦିଆଯିବ ଏବଂ କ୍ଷତିପୂରଣ ବାବଦରେ ଏଜେନ୍ସି ତରଫରୁ ୩ ଲକ୍ଷ୍ୟ ଟଙ୍କା ଦେବା ନେଇ ପୁଲିସ ଉପସ୍ଥିତିରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଶକ୍ତି କର୍ମଚାରୀ ସଙ୍ଘର 1 ପ୍ରକାଶ ରଞ୍ଜନ ବେହେରା, ଅଜୟ ପଡ଼ିଆରୀ, ସୁକୁମାର ଗଣ୍ଡାୟତ, ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ କୁମାର ସାଏବାବୁ ପ୍ରମୁଖ ସମାଧାନ କରିଥିଲେ।

## ଗଣ୍ଡଗୋଳ ଘଟଣାରେ ୨ ଗିରଫ

**କୁଆମରା, ୧୦।୬(ସମିସ):** ଜଣେ ମହିଳାଙ୍କ ସହ ଏକ ଗଣ୍ଡଗୋଳ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି କୁଶଳଦା ଫାଣ୍ଡି ପୁଲିସ। ପୁରଡିହି ଗ୍ରାମର ଗତ ଏପ୍ରିଲ ୧୪ ତାରିଖରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପରେ ମହିଳାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁକରି ଦୁଇ ଅଭିଯୁକ୍ତ ରାଜୁ ବେହେରିଣିଆ ଓ ସଚିନ୍ଦ୍ର ବେହେରିଣିଆକୁ ଗିରଫ କରିଛି।

### ବହଳଦା ସହର ଭିତରକୁ ଆସୁନି ବସ୍

# ଖରା, ବର୍ଷାରେ ଖୋଲା ଆକାଶତଳେ ଯାତ୍ରୀ ହନ୍ତସନ୍ତ

### ବିଳମ୍ବିତ ରାତିରେ ମହିଳା ଯାତ୍ରୀଙ୍କୁ ଓହ୍ଲାଇ ଦେଉଛି ବସ୍



**ବହଳଦା, ୧୦।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ବହଳଦା ଏକ ପ୍ରମୁଖ ସ୍ଥାନ। ଏହି ସହର ୨୨୦ ନଂ. ରାଞ୍ଚି- ବିଜୟୱାଡା ଜାତୀୟ ରାଜପଥ କଡ଼ରେ ଅବସ୍ଥିତ। ପ୍ରତ୍ୟହ ବହଳଦା ଦେଇ ବାରିପଦା, ବାଲେଶ୍ୱର, କରଞ୍ଜିଆ କେନ୍ଦୁଝର, ଅନୁଗୋଳ, କଳିଙ୍ଗନଗର, ରାଉରକେଲା, ଯୋଡ଼ା, ଭୁବନେଶ୍ୱର ଆଦି ସ୍ଥାନକୁ ବସ୍ ଯାତାୟତ କରୁଛି। ସେହିପରି ପଡ଼ୋଶୀ ଶିଳ୍ପନଗରୀ ଟାଟାନଗର ବ୍ୟତୀତ ଝାଡଖଣ୍ଡ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ମଧ ଏଠାରୁ ଯାତ୍ରୀବାହୀ ବସ୍ ଯିବାଆସିବା କରୁଛି। ପ୍ରତ୍ୟେକ ଦିନ ଶହଶହ ଲୋକ ଏଠାରୁ ବିଭିନ୍ନ ସ୍ଥାନକୁ ବିଭିନ୍ନ କାମରେ ଯିବା ଆସିବା କରିଥାଆନ୍ତି। ଦେଶର ବିଭିନ୍ନ ସ୍ଥାନକୁ ରେଳ ଯୋଗେ ଯାତ୍ରା କରିବାପାଇଁ ବି ନିକଟସ୍ଥ ଶିଳ୍ପନଗରୀ ଜାମସେଦପୁର (ଟାଟାନଗର) ଯିବାକୁ ପଡ଼ିଥାଏ। ପୂର୍ବରୁ ଧର୍ମଶାଳା (ବସଷ୍ଟାଣ୍ଡ ଅଞ୍ଚଳ) ଦେଇ ସମସ୍ତ ବସ ଯିବାଆସିବା କରୁଥିଲା। ପ୍ରାୟ ବର୍ଷେ ଦୁଇବର୍ଷ ହେଲା ନିର୍ଦ୍ଦିଷ୍ଟ କିଛି ବସକୁ ଛାଡିଦେଲେ କୌଣସି ବସ ବହଳଦା ଭିତରକୁ ଆସୁନାହିଁ। ରାତ୍ରିକାଳୀନ ବସଗୁଡିକ ବାଇପାସ (ହିରୋ ଶୋରୁମ) ପାଖରେ ଯାତ୍ରୀଙ୍କୁ ଓହ୍ଲାଇଦେଇ ପଳାଉଛନ୍ତି। ଏପରିକି ମହିଳା ଯାତ୍ରୀଙ୍କୁ ମଧ ଏଠାରେ ଓହ୍ଲାଇ ଦିଆଯାଉଛି। ଫଳରେ ଯାତ୍ରୀମାନେ ଅଟୋ କିମ୍ବା ଟେମ୍ପୋ ନ ପାଇ ବିପଦପୂର୍ଣ୍ଣ ଅବସ୍ଥାରେ ପିଲାଛୁଆ ଧରି ମହିଳା ମାନେ ଚାଲିଚାଲି ଯାଉଛନ୍ତି। ଏଠାରେ ସରକାରୀ ଡାକ୍ତରଖାନା, ୩ଟି ବ୍ୟାଙ୍କ, ତହସିଲ କାର୍ଯ୍ୟାଳୟ, ଥାନା, ସ୍କୁଲ ସହ ପ୍ରସିଦ୍ଧ ମା' କୀଚକେଶ୍ୱରୀ ମନ୍ଦିର ସବୁ ଥାଇ ବି ବଜାର ଭିତରକୁ କୌଣସି ବସ କି ଛୋଟ ଗାଡି ଆସୁନଥିବାରୁ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଅନ୍ୟପଟେ ମୁଖ୍ୟ ସଡକକୁ କିଛି ଅସାଧୁ ବ୍ୟବସାୟୀ ଜବରଦଖଲ କରି ରଖି ଦୋକାନ ମେଲାଇଛନ୍ତି। ବଙ୍ଗଳାଛକରୁ ହାଟ ପର୍ଯ୍ୟନ୍ତ ଜବରଦଖଲ ରହିଛି। ଯିଏ ଯେଉଁଠି ପାଇଲା ସେଠାରେ ଗାଡି ପାର୍କିଂ କରିବା ସହିତ କ୍ୟାବିନ ପକାଇ ଅକ୍ତିଆର କରି ରଖିଛନ୍ତି। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ଯୋଗୁ ଗାଡ଼ି ମଟର ଯିବା ଆସିବା କରିପାରୁନାହିଁ। ଖରା ବର୍ଷା ଶୀତରେ ସହର ବାହାରେ ଯାତ୍ରୀ ପରିବହନ ହେଉଥିବାରୁ ଲୋକମାନେ ଅସୁବିଧା ଭୋଗ କରୁଛନ୍ତି। ରାସ୍ତା ଅବରୋଧ ଓ ରାସ୍ତା ସଂକୀର୍ଣ୍ଣ ପାଇଁ ସ୍ଥାନୀୟ ପ୍ରଶାସନ ବି ନିଦାବିଷ୍ଟୁ ସାଜିଛନ୍ତି। ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ ବୋଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

## ପାଇପ୍ ଲାଇନ ବିଛାକୁ ନେଇ ଅସନ୍ତୋଷ



**କୁଆମରା, ୧୦।୬(ସମିସ):** ପ୍ରତି ଘରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦିଆଯିବା ପରିପ୍ରେକ୍ଷୀରେ ସରକାରୀସ୍ତରରେ ଗାଁରୁ ସହର ଯାଏ ପାଇପ ଲାଇନ ବିଛା କାର୍ଯ୍ୟ ଦୁଇ ବର୍ଷ ଧରି ଚାଲିଛି। ତେବେ ଏହି କାର୍ଯ୍ୟ ଠିକା ସଂସ୍ଥା ଦ୍ୱାରା ହେଉଥିବା ବେଳେ ଏହାକୁ ସମ୍ପୃକ୍ତ ଠିକାଦାର ମନମୁଖି କାର୍ଯ୍ୟ କରୁଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଗ୍ରାମଗୁଡିକରେ ପାଇପ୍ ବିଛାଇବା ପାଇଁ ରାସ୍ତାଘାଟକୁ ଫୁଟେରୁ ଦୁଇ ଫୁଟ ପର୍ଯ୍ୟନ୍ତ ତାଡି ମାସ ମାସ ଧରି ପକାଯାଇଛି। ସମ୍ପୃକ୍ତ ଠିକାଦାର ଗୋଟିଏ ଗ୍ରାମରେ ସପ୍ତାହ କାମ କରିବା ପରେ କାମକୁ ଅଧାପନ୍ତରିଆ କରି ଦେଇ ପୁଣି ଅନ୍ୟ ଗାଁକୁ ପଳାଉଛନ୍ତି। ଫଳରେ ବହୁ କାମ ଅଧାପନ୍ତରିଆ ଓ ଅସମ୍ପୂର୍ଣ୍ଣ ଭାବେ ପଡ଼ି ରହିଛି। ଫଳରେ ଖୋଳା ଯାଇ ପଡ଼ି ରହିଥିବା ଗଭୀର ଗର୍ତ୍ତ ମଧ୍ୟରେ ଯାନ ବାହନ ଗୁଡିକ ଦୁର୍ଘଟଣା ଘଟିବା ସହ ଗୋରୁ ଗାଈ ମଧ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ଠିକାଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିବା ପରେ ବି ଏଥିପ୍ରତି ଠିକାଦାର ବେଖାତିର କରୁଥିବା ନେଇ ଗୋପବନ୍ଧୁ ନଗର ବ୍ଲକ ଆରପଟା ଗ୍ରାମ ସରୋଜ ପାତ୍ର, ମନୋରଞ୍ଜନ ପରିଡ଼ା, ଶିଶିର ମହାପାତ୍ର, ପରମେଶ୍ୱର ମହାପାତ୍ର, ସୁରେନ୍ଦ୍ର ଦେହୁରୀ, ମନ୍ମଥ ମହାପାତ୍ର, ସାଧବାନନ୍ଦ ପରିଡ଼ା ପ୍ରମୁଖ ଅଭିଯୋଗ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଶରଧା ହରିନାମ ଯଜ୍ଞ କମିଟି ପକ୍ଷରୁ ୨୪ ପ୍ରହର ନାମଯଜ୍ଞ

**କରଞ୍ଜିଆ, ୧୦।୬(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଡ଼ଦେଉଳି ପଞ୍ଚାୟତ ଶରଧା ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରେ ୨୪ ପ୍ରହରୀ ଅଖଣ୍ଡ ନାମ ଯଜ୍ଞ ଆରମ୍ଭ ହୋଇଯାଇଛି। ଗତ ୭ ତାରିଖରେ ଘଟ ଅଣାଯାଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ୮ ତାରିଖ ଠାରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ୧୧ ତାରିଖରେ ଉଦ୍‌ଯାପିତ ହେବ। ଏହି ନାମଯଜ୍ଞରେ ବାରିପଦାର ଖୁଣ୍ଟା, ଦେଉଳି ଖୁଣ୍ଟା, ପଳାଶବଣୀ, ସାନବଣୀ ବଡ଼ସାହି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମ କମିଟିର ସତ୍ୟନାରାୟଣ ସାହା, କୁଶଧର ମହାନ୍ତ, ସଚ୍ଚିଦାନନ୍ଦ ସାହା, ପପୁ ସାହା, ଅଞ୍ଜୋଲି ସାହା, ଖୁଲନା ସାହା, ନେପୀ ନାଏକ, ମାନେଶ୍ୱର ସାହା ସହିତ ଶରଧା ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ପୂର୍ଣ୍ଣେଶ୍ୱର ଶିବ ମନ୍ଦିରରେ ଶିବ ବିବାହ

**କରଞ୍ଜିଆ, ୧୦।୬(ସମିସ):** ପରମ୍ପରା ଅନୁଯାଇ ଆଜି କରଞ୍ଜିଆ ପୂର୍ଣ୍ଣେଶ୍ୱର ଶିବ ମନ୍ଦିରରେ ଅନୁଷ୍ଠିତ ହୋଇଛି ମା ପାର୍ବତୀ ଓ ଶିବଙ୍କ ବିବାହ ଉତ୍ସବ। ଏହି ଉତ୍ସବ କମିଟି ପକ୍ଷରୁ ମହାଆଡମ୍ବରରେ ପାଳିତ ହୋଇଛି। ବିଧି ଓ ପରମ୍ପରା ଅନୁସାରେ ଆଜି ସନ୍ଧ୍ୟା ୬ ଘଟିକାରେ ଭକ୍ତଙ୍କୁ ନେଇ ଆଡମ୍ବର ସହକାରେ ବର ପକ୍ଷ ଏକ ଶୋଭାଯାତ୍ରାରେ ଆସି ମନ୍ଦିର ରେ ପହଞ୍ଚିଥିଲେ। ସେଠାରେ କନ୍ୟା ପକ୍ଷ ତାଙ୍କୁ ସ୍ୱାଗତ କରିଥିଲେ। ପରେ ମଣ୍ଡପରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିବାହରେ ବର ପିତା ଭାବେ ପ୍ରଶାନ୍ତ କୁମାର ରାମ ଓ ମାତା ଅଞ୍ଜଳି ରାମ କାର୍ଯ୍ୟ ସମ୍ପାଦନା କରିଥିବା ବେଳେ କନ୍ୟା ପିତା ଭାବେ ବିନଦ ବିହାରୀ ସାହୁ ଓ ମାତା ସନ୍ଧ୍ୟାରାଣୀ ସାହୁ କନ୍ୟାଦାନ କରିଥିଲେ। ବିବାହ କାର୍ଯ୍ୟରେ ପୂଜକ ଭାବେ ଅର୍ଦ୍ଧେନ୍ଦୁ ଚକ୍ରବର୍ତ୍ତୀ, ସୁନୁ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୂର୍ଣ୍ଣେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ବାଞ୍ଛାନିଧି ପୃଷ୍ଟି, ସମ୍ପାଦକ ତପନ କୁମାର ସାହୁ, ଉପ ସଭାପତି ଭାଗବତ ଚନ୍ଦ୍ର ଦାସ, ଅଭିମନ୍ୟୁ ତ୍ରିପାଠୀ, ସୁନୀଲ ସାହୁ, ନଣ୍ଡା ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

**ବାରିପଦା, ୧୦।୬(ସମିସ):** ବାରିପଦା ସହରର ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଲୋକେ ଆଉଟୁ ପାଉଟୁ ହେଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏପରିକି ରାସ୍ତାଘାଟ ମଧ ଜନଶୂନ୍ୟ ହୋଇପଡ଼ିଥିଲା। ବାରିପଦାର କୃଷ୍ଣଚନ୍ଦ୍ର ଗୋଲେଇ ନିକଟରେ କାର୍ଯ୍ୟରତ ଥିବା ଜନୈକ ଶ୍ରମିକ ପ୍ରବଳ ରୌଦ୍ର୍ୟତାପ ଯୋଗୁ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଂଶୁଘାତଜନିତ ତାଙ୍କର ମୃତ୍ୟୁ ହୋଇଥିବା ପରିବାରଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ମୃତକ ଜଣକ ୨୪ ନମ୍ବର ୱାର୍ଡ କାଳିକାପୁରର ସୁନାରାମ ମୁର୍ମୁ (୪୫) ବୋଲି ଜଣାଯାଇଛି। ଏ ସମ୍ପର୍କରେ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶବ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଚାଲିଛି।

## ବାର୍ଷିକ ଚାଙ୍ଗୁ ମହୋତ୍ସବ ଉଦ୍‌ଯାପିତ

**ଶୁକ୍ଳି/ରରୁଆଁ, ୧୦।୬(ସମିସ):** ରରୁଆଁ ବ୍ଲକ ଅନ୍ତର୍ଗତ ଗୋଡାପଳସା ପଞ୍ଚାୟତ ଅଧୀନ ଟିଙ୍ଗିରିଆରେ ବାଥୁଡି ସମ୍ପ୍ରଦାୟ ପକ୍ଷରୁ ଦୁଇ ଦିନ ବ୍ୟାପୀ ବାର୍ଷିକ ଚାଙ୍ଗୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେହୁରୀ ସୁଶାନ୍ତ ବାଘଯୋଡ଼ିଆ ଗ୍ରାମର ବଡାମଶାଳରେ ପୂଜାର୍ଚ୍ଚନା କରି ଚାଙ୍ଗୁ ମହୋତ୍ସବର ଶୁଭାରମ୍ଭ କରିଥିଲେ। ମହୋତ୍ସବରେ ବାରିପଦା ନିକଟ କମାରଡିହା ଚାଙ୍ଗୁ ନୃତ୍ୟ ଦଳ ସମେତ ଚମ୍ପାବହଳଦା, ଜଳଦା, ଟିଙ୍ଗିରିଆ ଆଦି ଚାଙ୍ଗୁ ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଚାଙ୍ଗୁ



କଳାକାର ତଥା ବଡାମ ସଂସ୍କୃତି ପ୍ରଚାରକ ବିଷ୍ଣୁଚରଣ ନାଏକ ଏବଂ କମାରଡ଼ିହାର ଯୁବ ବାଥୁଡି ଲେଖକ ନରେଶ ନାଏକଙ୍କୁ ଟିଙ୍ଗିରିଆ ଚାଙ୍ଗୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହତ୍ସବ କମିଟିର ପଙ୍କଜ କୁମାର ନାଏକ, ଲିଟୁନ ନାଏକ, ୱାର୍ଡ ସଭ୍ୟ ଶ୍ରୀକାନ୍ତ ନାଏକ, ପିଙ୍କୁ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅପହୃତା ନାବାଳିକା ଉଦ୍ଧାର

**କୁଆମରା, ୧୦।୬(ସମିସ):** ଖୁଣ୍ଟା ଥାନା ଅଧୀନ ପୁରୁଣା ବାରିପଦା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରିଥିବା ନେଇ ଗତ ୨ ତାରିଖରେ ଅଭିଯୋଗ ହୋଇଥିଲା। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ନାବାଳିକା ଜଣକ କପ୍ତିପଦା ଥାନା ଅଞ୍ଚଳରେ ଥିବାର ଖବର ପାଇ କୁଆମରା ଫାଣ୍ଡି ଅଧିକାରୀ ଉପେନ୍ଦ୍ର ଗୋଛାୟତ ଚଢଉ କରିଥିଲେ। ପରେ ନାବାଳିକାକୁ ଉଦ୍ଧାର କରିଥିଲେ। ତେବେ ଆଜି କୋର୍ଟରେ ହାଜର କରିବା ପରେ ସମ୍ପୃକ୍ତ ନାବାଳିକାକୁ ଉଦଳା ସୁଧାର ଗୃହକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ନାବାଳିକା ଜଣକ ୧୦ ଶ୍ରେଣୀର ପରୀକ୍ଷା ଦେଇଥିଲେ।

### ବାତଜ୍ୱର ନିରାକରଣ, ମେଲେରିଆ ଓ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସମନ୍ୱୟ କମିଟିର ବୈଠକ

# ଅଗଷ୍ଟ ୧୦ରୁ ସାର୍ବଜନୀନ ଔଷଧ ସେବନ ପ୍ରକ୍ରିୟା ଆରମ୍ଭ

**ବାରିପଦା, ୧୦।୬(ସମିସ)**




ମୟୂରଭଞ୍ଜ ଜିଲ୍ଲାରେ ଫାଇଲେରିଆ ବା ବାତଜ୍ୱର ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଛି ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧକ୍ଷତା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଅଭୟ କୁମାର ଦାଶଙ୍କ ସଂଯୋଜନାରେ ଜିଲ୍ଲା ସମନ୍ୱୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ମେଲେରିଆ ଓ ଡେଙ୍ଗୁ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ କିପରି ଫାଇଲେରିଆ ନିଦାନ ପାଇଁ ପଦକ୍ଷେପ ନିଆଯାଉଛି ଏବଂ ପ୍ରତ୍ୟେକ ସର୍ବେକ୍ଷଣ ତଥ୍ୟକୁ କିଭଳି ଉପଯୋଗିତାର ସହିତ ସମ୍ପାଦନା କରାଯାଉଛି ସେ ନେଇ ଡା ଦାଶ ଅବଗତ କରିଥିଲେ। ଏଥିସହିତ ଜିଲ୍ଲାରେ ଚଳିତ ବର୍ଷ କିଭଳି ଭାବରେ ଏହି ସାର୍ବଜନୀନ ଔଷଧ ସେବନ ପ୍ରକ୍ରିୟା ଆରମ୍ଭ ହେବ ସେ ନେଇ ମଧ ଆଲୋଚନା କରିଥିଲେ। ଜିଲ୍ଲାରେ ହୋଇଥିବା ସର୍ବେକ୍ଷଣ ତଥ୍ୟକୁ ଆଧାର କରି ଡା. ଦାଶ କହିଥିଲେ ଯେ ମୁଖ୍ୟତଃ ବହଳଦା, ତିରିଂ, ତାଟ, ବାଦାମପାହାଡ଼, ବିଜାତଳା, ଜାମଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ଫାଇଲେରିଆ ସଂକ୍ରମଣ ମାତ୍ରାଧିକ ଥିବାରୁ ଏହିସବୁ ସ୍ଥାନରେ ସାର୍ବଜନୀନ ଔଷଧ ସେବନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଏହି ସମସ୍ତ ପ୍ରକ୍ରିୟାକୁ ଯଥୋଚିତ ଜନାଦୃତ କରାଇବା ପାଇଁ ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ମେଲେରିଆ ଓ ଡେଙ୍ଗୁ ଭଳି ରୋଗର ସଂକ୍ରମଣ କିଭଳି ନ ହେବ ଏବଂ ଏହାର ପୂର୍ବ ଏବଂ ପର ପଦକ୍ଷେପ ପାଇଁ ଜନସମ୍ପର୍କ କାର୍ଯ୍ୟକ୍ରମ ମାନ ସଂଯୋଜନା ସହିତ ମଶା ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ଯଥା ମଶା ଲାର୍ଭା ଖିଆ ଗମ୍ବୁଶିଆ ମାଛ ପାଳନ, ପାଣି ଜମୁଥିବା ସ୍ଥାନରେ ସ୍ୱଚ୍ଛତା, ଅପରିଷ୍କାର ଜଳ ନିଷ୍କାସନ, କୀଟନାଶକ ଔଷଧ ସିଞ୍ଚନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ସୂଚନା ଥାଉ କି, ଚଳିତ ବର୍ଷ ଜନସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ଜିଲ୍ଲାରେ ୨୮ ଲକ୍ଷ ୫୭ ହଜାରରୁ ଅଧିକ ଜନସାଧାରଣଙ୍କୁ ସାର୍ବଜନୀନ ଔଷଧ ସେବନ ପ୍ରକ୍ରିୟାରେ ସାମିଲ କରାଇବା ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଛି। ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଥି ସହିତ ସମ୍ପ୍ରଦାୟ ସଚେତନତା ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଜିଲ୍ଲାପାଳ ଦାୟିତ୍ୱ ଦେଇଥିଲେ। ବୈଠକରେ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଶାନ୍ତନୁ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଆଇଏଏସ ପ୍ରୋବେସନର ଅଶନୀ ଏ ଏଲ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରକଳ୍ପ ବ୍ୟବସ୍ଥାପକ ପ୍ରଭୁ ପ୍ରତ୍ୟନ୍ତ ପତିଙ୍କ ସମେତ ଜିଲ୍ଲାର ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

